"ଓଡିଶାର ଜଳକ୍ଲିଷ୍ଟ ଜନଜାତି ଅଞ୍ଚଳରେ ଭୂତଳ ଜଳର ପୁନଃ
ସଂଚାରଣ ତଥା ସୌର ଚାଳିତ ଅଣୁ ଜଳସେଚନ ଦ୍ୱାରା ସୁନିଶ୍ଚିତ
ଖାଦ୍ୟ ସୁରକ୍ଷା ଓ
ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ଶକ୍ତି ବୃଦ୍ଧିର ବ୍ୟବସ୍ଥା"

# ପରିବେଶ ତଥା ସାମାଜିକ ପରିଚାଳନା ଯୋଜନା

## ସୂଚୀପତ୍ର


| | | | |
|---|---|---|---|
| (୧) | ଉପକ୍ରମ | | ୧ |
| | ୧.୧ | ଯୋଜନାର ପୃଷ୍ଠଭୂମି | ୧ |
| (୨) | ଯୋଜନାର ଉଦ୍ଦେଶ୍ୟ । | | ୨ |
| (୩) | ଯୋଜନା ଉପାଦାନ ଗୁଡିକ । | | ୩ |
| (୪) | ଯୋଜନା ନିମନ୍ତେ କଳ୍ପନା ଗୁଡିକ (Assumptions) | | ୫ |
| (୫) | ନିୟମ ଢାଞ୍ଚା | | ୫ |
| | ୫.୧ | ଶ୍ରମ ଓ କର୍ମ ନିୟୋଜନ | ୫ |
| | ୫.୨ | ଓଡିଶା ଜଳସେଚନ ଅଧିନିୟମ-୧୯୫୯ | ୬ |
| | ୫.୩ | ଓଡିଶା ପାଣି ପଞ୍ଚାୟତ ଅଧିନିୟମ-୨୦୦୨ | ୬ |
| | ୫.୪ | ଜାତୀୟ ଜଳନୀତି-୨୦୧୨ | ୬ |
| | ୫.୫ | ଜାତୀୟ ପରିବେଶ ନୀତି-୨୦୦୬ | ୬ |
| | ୫.୬ | ରାଜ୍ୟ କୃଷି ନୀତି-୨୦୧୩ | ୬ |
| (୬) | ପରାମର୍ଶ ସାରାଂଶ | | ୭ |
| (୭) | ପରିବେଶ ତଥା ସାମାଜିକ ସମସ୍ୟାର ଚାଲେଞ୍ଜ | | ୭ |
| (୮) | ଆଦିବାସୀ ଉନ୍ନୟନ ଯୋଜନା | | ୧୦ |
| | ୮.୧ | ଆଦିବାସୀ ଉନ୍ନୟନ ଯୋଜନାର ଢାଞ୍ଚା | ୧୨ |
| (୯) | ପରିବେଶ ଓ ସାମାଜିକ ପରିଚାଳନାର ପ୍ରଚଳନ ବ୍ୟବସ୍ଥା | | ୧୪ |
| | ୯.୧ | ପରିବେଶ ଓ ସାମାଜିକ ପରିଚାଳନାର ପ୍ରଚଳନ | ୧୪ |
| | ୯.୨ | କାର୍ଯ୍ୟ ନିର୍ବାହୀ ସଂସ୍ଥା ସ୍ତରରେ ବିସ୍ତାର ଦାୟିତ୍ୱ | ୧୬ |
| (୧୦) | ପର୍ଯ୍ୟାଲୋଚନ ଏବଂ ରିପୋର୍ଟ ପ୍ରଦାନ | | ୧୮ |
| (୧୧) | ପରିବେଶ ଓ ସାମାଜିକ ପରିଚାଳନା ସମ୍ବନ୍ଧୀୟ ବଜେଟ | | ୧୮ |
| (୧୨) | ସାମର୍ଥ୍ୟ ବିକାଶ | | ୧୮ |
| (୧୩) | ଅଭିଯୋଗର ପ୍ରତିକାର ପ୍ରକ୍ରିୟା | | ୧୯ |
| | ୧୩.୧ | ନିର୍ବାହୀ ଅଧିକାରୀଙ୍କ ସ୍ତରରେ ପ୍ରକ୍ରିୟା | ୧୯ |
| | ୧୩.୨ | ସ୍ୱୀକୃତିପ୍ରାପ୍ତ ସଂସ୍ଥା (Accridated Entity=NABARD) ସ୍ତରରେ ଅଭିଯୋଗ ରଖିବା ପ୍ରକ୍ରିୟା | ୨୦ |

# "ଓଡିଶାର ଜଳକ୍ଲିଷ୍ଟ ଜନଜାତି ଅଞ୍ଚଳରେ ଭୂତଳ ଜଳର ପୁନଃ ସଂଚାରଣ ତଥା ସୌର ଚାଳିତ ଅଣୁ ଜଳସେଚନ ଦ୍ୱାରା ସୁନିଶ୍ଚିତ ଖାଦ୍ୟ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ଶକ୍ତି ବୃଦ୍ଧିର ବ୍ୟବସ୍ଥା"

## *ପରିବେଶ ତଥା ସାମାଜିକ ପରିଚାଳନା ଯୋଜନା*

### ୧ ଉପକ୍ରମ

ପରିବେଶ ତଥା ସାମାଜିକ ପରିଚାଳନା ଯୋଜନା ହେଉଛି ଗୋଟିଏ ପରିଚାଳନା ଭିତ୍ତିକ ସାଧନ ଯାହାକି ପରିବେଶର ପ୍ରଭାବକୁ ସଂକ୍ଷିପ୍ତ କରିପାରେ ଏବଂ ପରିବେଶଗତ ଦୃଷ୍ଟି କୋଣର ଗୁଡାଏ ଉଦ୍ଦେଶ୍ୟକୁ ପୂରଣ କରିପାରେ । ପରିବେଶ ଭିତ୍ତିକ ଉନ୍ନତି ସାଧନ ତଥା ସୁରକ୍ଷା କବଚର ବିନିଯୋଗ ନିମନ୍ତେ ପରିବେଶ ତଥା ସାମାଜିକ ପରିଚାଳନା ଯୋଜନା ଏକ ରକ୍ଷାବଳୟ ତଥା ପ୍ରାକୃତିକ ପରିବେଶର ଅବକ୍ଷୟର ନିରୋଧ ନିମନ୍ତେ ବିନିଯୋଗ କରାଯାଇପାରିବ ।

ଓଡିଶା ସରକାରଙ୍କ ଦ୍ୱାରା ସବୁଜ ଜଳବାୟୁ ପାଣ୍ଠି (Green Climate Fund) ନିମନ୍ତେ ଏହି ପରିବେଶ ତଥା ସାମାଜିକ ପରିଚାଳନା ଯୋଜନା ଜରିଆରେ ଓଡିଶାର ଜଳକ୍ଲିଷ୍ଟ ଜନଜାତି ଅଞ୍ଚଳରେ ଭୂତଳ ଜଳର ପୁନଃ ସଞ୍ଚାରଣ ତଥା ସୌର ଚାଳିତ ଅଣୁ ଜଳସେଚନ ଦ୍ୱାରା ନିଶ୍ଚିତ ଖାଦ୍ୟ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ଶକ୍ତି ବୃଦ୍ଧିର ବ୍ୟବସ୍ଥା ସମ୍ପର୍କରେ ଏକ ପ୍ରକଳ୍ପ ପ୍ରସ୍ତାବ ନିର୍ମାଣ କରାଯାଇଛି ।

ଏହି ଯୋଜନା ଭାରତ ସରକାରଙ୍କର ଅର୍ଥନୀତି ବ୍ୟାପାର ବିଭାଗ ଦ୍ୱାରା ବିଶ୍ୱବ୍ୟାଙ୍କର ଅନୁଦାନ ନିମନ୍ତେ ସ୍ୱୀକୃତି ପ୍ରାପ୍ତ ଜଳାଶୟ ଉନ୍ନତି କରଣ ଯୋଜନାର ଏକ ଅଂଶ ବିଶେଷ ଅଟେ । ଭୂତଳ ଜଳର ପୁନଃ ସଂଚାରଣ ଓ ସୌର ଚାଳିତ ପମ୍ପର ବିନିଯୋଗ ତଥା ଅନ୍ୟାନ୍ୟ ଜଳବାୟୁ ସମ୍ପର୍କିତ ପ୍ରତିରୋଧକ ଶକ୍ତି ବୃଦ୍ଧିର ଉଦ୍ଦେଶ୍ୟ ସାଧନ ନିମନ୍ତେ – ସବୁଜ ଜଳବାୟୁ ପାଣ୍ଠି ର ବିନିଯୋଗ ସମୟରେ ଜଳାଶୟ ପୁନଃରୁଦ୍ଧାର କାର୍ଯ୍ୟକ୍ରମକୁ ବିଶ୍ୱବ୍ୟାଙ୍କ ତଥା ଓଡିଶା ସରକାରଙ୍କର ପାଣ୍ଠିର ସମିଶ୍ରଣରେ ଅନୁଦାନ ଯୋଗାଇ ଦିଆଯାଇ ପାରିବ । ଜଳାଶୟର ସର୍ବୋତ୍କୃଷ୍ଟ ପୁନଃରୁଦ୍ଧାର ପଦ୍ଧତି ଏବଂ ପୂର୍ବ ଅନୁଭୂତି ସଂପନ୍ନ ସଂସ୍ଥା ତଥା ଜଳ ବ୍ୟବହାରକାରୀ ମାନଙ୍କ ସହିତ ପରାମର୍ଶ ପୂର୍ବକ ଏହି ESMP (ପରିବେଶ ତଥା ସାମାଜିକ ପରିଚାଳନା ଯୋଜନା)ର ପରିକଳ୍ପନା କରାଯାଇଛି ।

### ୧.୧ ଯୋଜନାର ପୃଷ୍ଠଭୂମି

ମୌସୁମୀ ବାୟୁର ବିଭିନ୍ନତାର କାରଣରୁ ଓଡିଶା ରାଜ୍ୟ ସଦାସର୍ବଦା ଜଳବାୟୁ ପରିବର୍ତ୍ତନ ଜନିତ ଦୁର୍ବଳ ଅବସ୍ଥାରେ ଗତି କରୁଛି । ଏଥିପାଇଁ ସୃଷ୍ଟି ହେଉଥିବା ବନ୍ୟା ଓ ମରୁଡି ପରିସ୍ଥିତି ଖାଦ୍ୟ ସୁରକ୍ଷାକୁ ପ୍ରଭାବିତ କରିବା ସହିତ କୃଷି ନିର୍ଭରଶୀଳ ସମାଜକୁ ବାରମ୍ବାର ବିପଦ ମୁହଁକୁ ଠେଲି ଦେଉଛି । ଜଳବାୟୁ ପରିବର୍ତ୍ତନର ଆକଳନ ଅନୁଯାୟୀ ଏକବିଂଶ ଶତାବ୍ଦୀରେ ଏହି ଅଞ୍ଚଳର ତାପମାନ

୨° ସେଣ୍ଟିଗ୍ରେଡର ପ୍ରତିବନ୍ଧକକୁ ଅତିକ୍ରମ କରିପାରେ । ଭୂତଳ ଜଳସ୍ତର ମଧ୍ୟ ଜଳବାୟୁ ପରିବର୍ତ୍ତନ ଯୋଗୁ ବହୁଳଭାବେ ପ୍ରଭାବିତ ହୋଇପାରେ । ଏହି ତାପମାନ ପରିବର୍ତ୍ତନ ଯୋଗୁଁ ସମସ୍ତ ଜୀବଜଗତ ଜଳ ଓ ଖାଦ୍ୟ ସଂରକ୍ଷଣ ଜନିତ ଦୁର୍ଦ୍ଦଶାକୁ ପ୍ରାପ୍ତ ହୋଇପାରନ୍ତି ।

ଓଡିଶାର ଅଧିକାଂଶ ଜିଲ୍ଲା ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟର ସାମନା କରିଥାନ୍ତି । ୩୦ ଗୋଟି ଜିଲ୍ଲା ମଧ୍ୟରୁ ମୁଖ୍ୟତଃ ୧୩ ଟି ଜିଲ୍ଲାରେ ପ୍ରାୟତଃ ଖାଦ୍ୟାଭାବ ଦେଖାଦିଏ ଏବଂ ତନ୍ମଧ୍ୟରୁ ପାଞ୍ଚଟି ଜିଲ୍ଲାର ଅବସ୍ଥା ସମ୍ପୂର୍ଣ୍ଣ ଶୋଚନୀୟ । ଜଳ ସଂରକ୍ଷଣର ସୁବିଧା ନିମନ୍ତେ ତଥା ଦୁର୍ବଳ ଜନଜାତିର ଉତ୍ଥାନ ନିମନ୍ତେ ଭିତ୍ତି ଭୂମିର ଅଭାବ ହିଁ ଜଳ କଷ୍ଟର କାରଣ ସାଜିଅଛି । ୨୦୧୦ ର ଜନଗଣନା ଅନୁସାରେ ଜଣାପଡିଛି ଓଡିଶାର ଗ୍ରାମାଞ୍ଚଳରେ ୩୮.୫ ପ୍ରତିଶତ ପରିବାର ଅତି କମରେ ଅଧ କିଲୋମିଟର ଦୂରରେ ଥିବା ପାନୀୟ ଜଳ ଉପରେ ନିର୍ଭର କରନ୍ତି । ଏହି ଜଳକଷ୍ଟ ୨୦୦୧ ରେ ଶତକଡା ୩୨.୫ ଜନସଂଖ୍ୟା ଭୋଗୁ ଥିବାବେଳେ, ଏହା ୧୦ ବର୍ଷରେ ଶତକଡା ୬ ଭାଗ ବୃଦ୍ଧି ପାଇଅଛି । ଏହି ଅସୁବିଧାକୁ ସମ୍ମୁଖୀନ କରିବା ପାଇଁ ଭୂତଳ ଜଳର ପୁନଃ ସଂଞ୍ଚାରଣ ତଥା ସୌର ଚାଳିତ ସୂକ୍ଷ୍ମ ଜଳସେଚନ ଦ୍ୱାରା ନିଶ୍ଚିତ ଖାଦ୍ୟ ସୁରକ୍ଷା ତଥା ଓଡିଶାର ଜଳକ୍ଲିଷ୍ଟ ସ୍ଥିତି ଜନଜାତି ଅଞ୍ଚଳରେ ପ୍ରତିରୋଧକ ଶକ୍ତିର ପୁନରୁଦ୍ଧାର ଅତ୍ୟନ୍ତ ଆବଶ୍ୟକ ହୋଇପଡିଛି । ଏହି କାରଣରୁ ଗୋଷ୍ଠୀ ଜଳାଶୟ ଗୁଡିକର ପୁନରୁଦ୍ଧାରଣ ସହିତ ସୌରଚାଳିତ ପମ୍ପ ଦ୍ୱାରା ସୂକ୍ଷ୍ମ ଜଳସେଚନ ଦ୍ୱାରା ଖାଦ୍ୟ ତଥା ଜଳ ନିରାପତ୍ତା ପାଇଁ ରାଜ୍ୟର ଦୁର୍ବଳ ଅଞ୍ଚଳରେ ନିର୍ମାଣ କୌଶଳର ଆବଶ୍ୟକତା ବାଞ୍ଛନୀୟ ।

## ୨ ଯୋଜନାର ଉଦ୍ଦେଶ୍ୟ

ଏହି ଯୋଜନା ଦ୍ୱାରା ନିମ୍ନ ଆଭିମୂଖ୍ୟ ଗୁଡିକ ହାସଲ କରାଯିବାର ଲକ୍ଷ୍ୟ ରଖାଯାଇଛି ।

(୧) ଭୂତଳ ଜଳସ୍ତରର ପୁନଃସଂଚାରଣ ତଥା ଜଳମାନର ବୃଦ୍ଧି ଦ୍ୱାରା ୫.୨ ନିୟୁତ ଦୂର୍ବଳ ଗୋଷ୍ଠିଙ୍କ ପାଇଁ ଜଳସଂରକ୍ଷଣ, ସ୍ୱାସ୍ଥ୍ୟ ତଥା ଜୀବନ ଧାରଣର ମାନବୃଦ୍ଧି ପାଇଁ ନିଶ୍ଚିତ ଜଳ ସଂରକ୍ଷଣର ବ୍ୟବସ୍ଥା ।

(୨) ଭୂତଳ ଜଳସ୍ତର ବୃଦ୍ଧି ପାଇଁ ୧୦,୦୦୦ ଗୋଷ୍ଠୀ ଜଳାଶୟରେ ପୁନଃ ସଂଚାରଣ କୂପ ଖନନ କରାଯାଇ ଭୂତଳ ଜଳର ପୁର୍ନଭରଣ ସହିତ ପ୍ରତିରୋଧକ ଶକ୍ତି ଯୁକ୍ତ ଶସ୍ୟ ଅମଳର ଯୋଜନା କରି ନିଶ୍ଚିତ ଖାଦ୍ୟ ସୁରକ୍ଷାର ବ୍ୟବସ୍ଥା କରିବା ।

(୩) ଏକ ହଜାର ସୌର ଚାଳିତ ପମ୍ପ ବ୍ୟବହାର କରି ଅଣୁ ଜଳସେଚନ ଦ୍ୱାରା ଶକ୍ତି ସଂରକ୍ଷଣ କରି ରାଜ୍ୟରେ ସ୍ୱଳ୍ପ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତକାରୀ ଓ ଜଳବାୟୁ ପରିବର୍ତ୍ତନରୋଧୀ ଫସଲ ଅମଳର ଖସଡା ପ୍ରସ୍ତୁତି ।

## ୩ ଯୋଜନା ଉପାଦାନ ଗୁଡିକ

ଯୋଜନାର ଉପାଦାନ ଗୁଡିକ ସବିସ୍ତୃତ ଭାବେ ବର୍ଣନା ନିମ୍ନରେ କରାଗଲା ।

| ଉପାଦାନ | | ଉପ ଉପାଦାନ (ଯଦି ଆବଶ୍ୟକ ହୁଏ) | |
|---|---|---|---|
| ୧ | ଭୂତଳ ଜଳର ପୁନଃଭରଣ ପାଇଁ ବଳିଷ୍ଠ ବ୍ୟବସ୍ଥା । | ୧.୧ | ୧୦,୦୦୦ ଜଳାଶୟର ପ୍ରାରମ୍ଭିକ ଗଠନ ଏବଂ ତଥ୍ୟ ସଂରକ୍ଷଣ । |
| | | ୧.୨ | ଜଳାଶୟ ଉନ୍ନତି କରଣ ତଥା ଭୂତଳ ଜଳର ପୁନଃ ସଂଚାରଣ ଆକଳନ । |
| | | ୧.୩ | ଖନନ ଓ ପରିଚାଳନା ପାଇଁ ମାନକ ବ୍ୟବହାର ପଦ୍ଧତି (SOP) ର ପ୍ରସ୍ତୁତି । |
| | | ୧.୪ | ୧୦,୦୦୦ ଜଳାଶୟରେ ଭୂତଳ ଜଳର ପୁନଃସଂଚାରଣ । |
| ୨ | ଗୋଷ୍ଠି ଜଳାଶୟର ଉନ୍ନତି କରଣ (ସମିଶ୍ରଣ ପାଣିରୁ) | ୨.୧ | ୧୦,୦୦୦ ଜଳାଶୟର ଜଳସ୍ତର ଏବଂ ଅନ୍ୟାନ୍ୟ ଆକଳନ ତଥା ଅବଶ୍ୟକୀୟ ଜଳ ସେଚନ ନିମନ୍ତେ କୂପ ଖନନ । |
| | | ୨.୨ | କୃଷି ଜଳବାୟୁ ସମ୍ପର୍କିତ ତଥ୍ୟଦ୍ୱାରା ଶସ୍ୟ ପାଇଁ ଆବଶ୍ୟକୀୟ ଜଳର ଆକଳନ । |
| | | ୨.୩ | ଜଳ ବିଭଣ୍ଟନର ମାଷ୍ଟର ପ୍ଲାନ ପ୍ରସ୍ତୁତି । |
| | | ୨.୪ | ଜୀବିକା ନିର୍ବାହ ଉନ୍ନତି କରଣ ଯୋଜନା । |
| | | ୨.୫ | ବିଭିନ୍ନ କୂପରୁ ଜଳ ନମୂନାର ମାନ ନିର୍ଦ୍ଧାରଣ ପ୍ରସ୍ତୁତି । |
| ୩ | ଜଳସେଚନରେ ସୌର ପମ୍ପର ବିନିଯୋଗ । | ୩.୧ | ୧,୦୦୦ ସୌର ପମ୍ପ ସ୍ଥାପନ ପାଇଁ ନୀତି ନିର୍ଦ୍ଧାରଣ । |
| | | ୩.୨ | ୧,୦୦୦ ସୌର ପମ୍ପ ନିମନ୍ତେ ଟେଣ୍ଡର ପ୍ରକ୍ରିୟାର ପ୍ରସ୍ତୁତି କରଣ । |
| | | ୩.୩ | ୧,୦୦୦ ପମ୍ପର ସ୍ଥାପନ ଏବଂ ପ୍ରାରମ୍ଭିକ ପ୍ରକ୍ରିୟାର ତନଖି କରଣ । |
| | | ୩.୪ | ୨,୦୦୦ ଗ୍ରାମ୍ୟ ସ୍ତରୀୟ ସ୍ୱଳ୍ପ କୁଶଳୀ କାରିଗରଙ୍କୁ ପମ୍ପର ରକ୍ଷଣା ବେକ୍ଷଣ ନିମନ୍ତେ ସ୍ୱୀକୃତି ପ୍ରଦାନ । |
| | | ୩.୫ | ଶକ୍ତି ସଂରକ୍ଷଣ ଜନିତ ରିପୋର୍ଟ ଗଠନ । |
| ୪ | ସଶକ୍ତିକରଣ ଓ ଉପଭୋକ୍ତା । | ୪.୧ | ଜଳାଶୟ ଉପରେ ନିର୍ଭର କରୁଥିବା ପରିବାରର ଚିହ୍ନଟ କରଣ ଏବଂ ପାଣି ପଞ୍ଚାୟତର ଗଠନ । |
| | | ୪.୨ | ପ୍ରଶିକ୍ଷଣ ଓ ପ୍ରଶିକ୍ଷଣ ପ୍ରଦାନକାରୀଙ୍କ ଚିହ୍ନଟ । |

| | | | |
|---|---|---|---|
| | | ୪.୩ | ୫୦୦ ଯନ୍ତ୍ରୀ ତଥା ୨୦,୦୦୦ ଜଳସାଥିଙ୍କୁ ପ୍ରଶିକ୍ଷଣ ତଥା ମାନପତ୍ର ପ୍ରଦାନ । |
| | | ୪.୪ | ସରକାରୀ ବିଭାଗ ଗୁଡିକ ସହିତ ସମିଶ୍ରଣ ହୋଇ ପ୍ରଶିକ୍ଷଣ ପ୍ରଦାନ ଓ ପ୍ରଦର୍ଶନ କରଣ । |
| | | ୪.୫ | ଭୂମିହୀନ ତଥା ମହିଳାଙ୍କୁ ସଭ୍ୟ କରାଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ । |
| | | ୪.୬ | FPO ମାନଙ୍କୁ ସଂଯୁକ୍ତ କରଣ । |
| ୫ | ମାନ ପରିଚାଳନା ଓ ପର୍ଯ୍ୟାଲୋଚନା । | ୫.୧ | ଜଳାଶୟ ମାନ ପରିଚାଳନା ନିମିତ୍ତ ଭୂସ୍ଥିତିକ (Geo spatial) ତଥ୍ୟର ବ୍ୟବହାର ଏବଂ ପରିଚାଳନା ସୂଚନା ବ୍ୟବସ୍ଥା (MIS) ପ୍ରକରଣ । |
| | | ୫.୨ | ଜଳ ମାନ ଏବଂ ଭୂତଳ ଜଳ ନମୁନା ପ୍ରଣାଳୀର ପ୍ରସ୍ତୁତି କରଣ । |
| | | ୫.୩ | ପ୍ରକଳ୍ପ ଉପାଦାନ ସମ୍ପର୍କୀୟ ପ୍ରାରମ୍ଭିକ ସ୍ୱାଧୀନ ଆକଳନ ରିପୋର୍ଟ ପ୍ରସ୍ତୁତି । |
| ୬ | ଜ୍ଞାନ ପରିଚାଳନା । | ୬.୧ | ଭୂତଳ ଜଳର ପରିଚାଳନା ଓ ଉନ୍ନତି କରଣ ସମ୍ପର୍କିତ ନୀତି ପ୍ରକରଣ ତଥା ରାଜ୍ୟ ଜଳନୀତିର ସଂଲଗ୍ନ କରଣ । |
| | | ୬.୨ | ସୌର ପମ୍ପ ବ୍ୟବହାର ପଦ୍ଧତି ପ୍ରକ୍ରିୟାର ମାନ ପ୍ରଦାନ କରଣ । |
| | | ୬.୩ | ବିଜ୍ଞାନ ଠାରୁ ନୀତିର ଉତ୍ପାଦନ ପ୍ରକ୍ରିୟା କରଣ । |
| | | ୬.୪ | ଅନ୍ୟାନ୍ୟ ସଂସ୍ଥା ସହିତ ସଂଯୋଗ କରଣ ପାଇଁ ପ୍ରକ୍ରିୟାର କାଗଜ ପତ୍ରର ପ୍ରସ୍ତୁତି କରଣ । |
| | | ୬.୫ | ତ୍ରୈମାସିକ ପ୍ରକଳ୍ପ ସମ୍ବାଦ ଉନ୍ମୋଚନ । |
| | | ୬.୬ | ନିର୍ମାଣ ସମୟ ମଧ୍ୟରେ ଦଶଗୋଟି ଶିକ୍ଷଣୀୟ କର୍ମଶାଳାର ପ୍ରକ୍ରିୟା କରଣ । |
| ୭ | ପ୍ରକଳ୍ପ ପରିଚାଳନା | ୭.୧ | ଅର୍ନ୍ତଃ ନିର୍ଭରଶୀଳ ବିଭାଗ କର୍ଣ୍ଣଧାର କମିଟୀ ଗଠନ । |
| | | ୭.୨ | ପ୍ରକଳ୍ପ ପ୍ରୟୋଗ ଯୋଜନା ଅନୁମୋଦନ ଓ ପ୍ରଚଳନ । |
| | | ୭.୩ | ବସ୍ତୁ ଓ ସେବା ପ୍ରଦାନକାରୀଙ୍କ ସହ ଚୁକ୍ତି ତଥା କାର୍ଯ୍ୟ ନିୟୋଗ । |
| | | ୭.୪ | ନିରବିଚ୍ଛିନ ତଥ୍ୟ ପ୍ରଦାନର ବ୍ୟବସ୍ଥା । |
| | | ୭.୫ | ଅର୍ଥ ପ୍ରଦାନ, କାର୍ଯ୍ୟ ଅଗ୍ରଗତି ତଥା ୱେବ ଦ୍ୱାରା ପର୍ଯ୍ୟାଲୋଚନା । |

## ୪ ଯୋଜନା ନିମନ୍ତେ କଳ୍ପନା ଗୁଡିକ (Assumptions)

ପରିବେଶ ତଥା ସାମାଜିକ ପରିଚାଳନାଗତ ଯୋଜନା ପାଇଁ ନିମ୍ନ ଲିଖିତ ଆଧାର ଗୁଡିକୁ ପରିକଳ୍ପନା କରାଯାଇଛି ।

(କ) ଜଳାଶୟ ଉନ୍ନତିକରଣ/ ନବୀକରଣ ପାଇଁ କୌଣସି ଜନବସତିକୁ ସ୍ଥାନାନ୍ତରିତ କରାଯିବ ନାହିଁ । ସେହି ଅନୁସାରେ ଜଳାଶୟ ଗୁଡିକୁ ବଛାଯିବ ।

(ଖ) ବଛାଯାଇଥିବା ଜଳାଶୟ ଗୁଡିକ କୌଣସି ସଂବେଦନଶୀଳ ଅଞ୍ଚଳ ଯଥା-ପାରମ୍ପାରିକ ତଥା ଐତିହାସିକ ଅଞ୍ଚଳକୁ ହାନୀ କାରକ ହୋଇ ନଥିବା ପରିବେଶକୁ ସୁହାଇଲା ଭଳି ପରିସ୍ଥିତି ଉପୃନ ହୋଇ ପାରୁଥିବ ।

(ଗ) ଚାଷୀର ଚାଷଜମି ତଥା ପୋଖରୀ ହୁଡାରେ ଉନ୍ନତି କରଣ ପାଇଁ ଏହି ଜଳାଶୟର ପଙ୍କ ମାଟିକୁ ବ୍ୟବହାର କରାଯାଇ ପାରିବ ।

(ଘ) ନିରନ୍ତନ ଜଳ ସମ୍ପଦ ପରିଚାଳନା ପାଇଁ ଜଳ ବଜେଟ ଓ ଜଳ ମାଷ୍ଟର ପ୍ଲାନକୁ ଏହିପରି ବିନିଯୋଗ କରାଯିବ, ଯାହାକି ଭୂତଳ ଜଳ ସମ୍ପଦରେ କୌଣସି ଖରାପ ପ୍ରଭାବ ପକାଇବ ନାହିଁ ।

(ଙ) ସ୍ୱଚ୍ଛ ଏବଂ ନିଷ୍ପପଟ ପର୍ଯ୍ୟାଲୋଚନା ପାଇଁ ପାଣି ପଞ୍ଚାୟତ ଗ୍ରାମ ପଞ୍ଚାୟତ କୃଷକ ଉତ୍ପାଦନକାରୀ ସଙ୍ଘର ସମିଶ୍ରଣ ତଥା କର୍ମ ନିୟୋଜନ ଦ୍ୱାରା ଜଳାଶୟ ଚୟନ, କାର୍ଯ୍ୟ ରକ୍ଷଣା ବେକ୍ଷଣ ଏବଂ ସମ୍ପୂର୍ଣ୍ଣ ସହଯୋଗୀତାର ସହାୟକ ହୋଇପାରିବ ।

## ୫ ନିୟନ ଢାଞ୍ଚା

### ୫.୧ ଶ୍ରମ ଏବଂ କର୍ମ ବ୍ୟବସ୍ଥା

କୁଶଳୀ, ସମ କୁଶଳୀ ତଥା ଅଣ କୁଶଳୀ ଶ୍ରମିକ କାମ କରୁଥିବା ପ୍ରକଳ୍ପ ଗୁଡିକରେ ନିମ୍ନ ଲିଖିତ କାର୍ଯ୍ୟ ଗୁଡିକୁ ହାତକୁ ନିଆଯିବ ।

- ଜଳାଶୟ ପୁନଃ ଉଦ୍ଧାର ତଥା ଭୂଜଳ ପୁର୍ନଭରଣ ପାଇଁ କୂପ ଖନନ କାର୍ଯ୍ୟକ୍ରମ ।
- ମାନ ନିର୍ଦ୍ଧାରଣ ପାଇଁ ଜଳର ନମୁନା ସଂଗ୍ରହ ।
- ୧,୦୦୦ ସଂଖ୍ୟକ ସୌର ପମ୍ପ ସ୍ଥାପନ ।
- ମୂଳ ଅବସ୍ଥାର ତଥ୍ୟ ସଂଗ୍ରହ ।
- ଆଞ୍ଚଳିକ ଗୋଷ୍ଠୀର ସମ କୁଶଳୀ କର୍ମୀଙ୍କୁ ସଶକ୍ତି କରଣ ।

**ଶ୍ରମ ଏବଂ କର୍ମ ନିୟୋଜିତ ସମ୍ପର୍କୀୟ ମୁଖ୍ୟ ନିୟମ ଗୁଡିକ ହେଲା-**

i) ଶିଶୁ ଶ୍ରମିକ (ବାରଣ ଓ ନିୟନ୍ତ୍ରଣ) ନିୟମ-୧୯୮୬ ଏବଂ ଓଡିଶା ରାଜ୍ୟ ନିୟମ ।

ii) ସର୍ବନିମ୍ନ ମଜୁରୀ ନିୟମ ୧୯୪୮– ଏହା ଓଡିଶା ରାଜ୍ୟର ସର୍ବନିମ୍ନ ମଜୁରୀ ପଲିସୀ ଦ୍ୱାରା ପ୍ରଚାରିତ ।

iii) ସମାନ ବେତନ ପ୍ରଣାଳୀ ନିୟମ–୧୯୭୬ ଅନୁଯାୟୀ ପୁରୁଷ ଓ ସ୍ତ୍ରୀ ସମାନ କାମ ପାଇଁ ସମାନ ପରିମାଣର ଟଙ୍କା ପାଇବେ ।

ଏହି ସମସ୍ତ ଉପରୋକ୍ତ ନିୟମ କାନୁନ ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ଆବଶ୍ୟକ ଅଟେ । ଏଥି ନିମନ୍ତେ ସହ ନିର୍ବାହୀ ତଥା ନିର୍ବାହୀ ସଂସ୍ଥାଙ୍କର ପ୍ରାରମ୍ଭିକ ଦାୟୀତ୍ୱ ତଥା ନିୟମ ପାଳନ ଅନୁସାରେ କାର୍ଯ୍ୟକ୍ରମ ତଥା ପର୍ଯ୍ୟାଲୋଚନା ଜରିଆରେ କାର୍ଯ୍ୟ ସମ୍ପାଦନ କରାଯାଇ ପାରିବ ।

**୫.୨ ଓଡିଶା ଜଳସେଚନ ଅଧିନିୟମ ୧୯୫୯**

ଜଳସେଚନ ଜନିତ ନିୟମର ପ୍ରବର୍ତ୍ତନ, ସମୟାନୁଯାୟୀ ପରିବର୍ତ୍ତନ ଓ ସଂଶୋଧନ ଦ୍ୱାରା ଜଳକରର ଆଦାୟ, ଏହାର ବିଷୟବସ୍ତୁ ଅଟେ । (ସରକାରଙ୍କ ଉତ୍ସରୁ ଜଳପାଇବା ପାଇଁ ନିୟମ) ।

**୫.୩ ଓଡିଶା ପାଣି ପଞ୍ଚାୟତ ଅଧିନିୟମ ୨୦୦୨**

ଏହା ଏକ ଜଳ ବ୍ୟବହାରକାରୀ ସଙ୍ଘର ନିୟମାବଳୀ ଅଟେ । ଜଳ ପରିଚାଳନା ତଥା ଜଳବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ସମ୍ପର୍କିତ ନିୟମ ଏହାର ଅନ୍ତର୍ଭୁକ୍ତ ।

**୫.୪ ଜାତୀୟ ଜଳ ନୀତି ୨୦୧୨**

ଏହି ନୀତି, ଜାତୀୟ ଜଳ ବିନିଯୋଗର ବ୍ୟବସ୍ଥା, କାନୁନ ତଥା ରାଜ୍ୟ, ଦେଶର ତଥା ଆଞ୍ଚଳିକ ସରକାରଙ୍କର ସମତା ରକ୍ଷା ପାଇଁ ଏକ କଥନ ଦୃଷ୍ଟାନ୍ତ ଅଟେ । ନିରନ୍ତର ଓ ସ୍ୱଚ୍ଛ ସଂରକ୍ଷଣ ପ୍ରବାହିତ ଭୂତଳ ଜଳର ସୁବଣ୍ଟନ ପାଇଁ ଏହା ପ୍ରବାହିତ ଓ ଭୂତଳ ଜଳ ପରିଚାଳନାରେ କାର୍ଯ୍ୟକାରୀ ହୋଇଥାଏ ।

**୫.୫ ଜାତୀୟ ପରିବେଶ ନୀତି ୨୦୦୬**

ଏହା କେନ୍ଦ୍ର, ରାଜ୍ୟ ତଥା ଆଞ୍ଚଳିକ ସରକାରଙ୍କ ଦ୍ୱାରା ପ୍ରଚଳିତ ଏକ ନୀତି ଯଦ୍ୱାରାକି ପରିବେଶ ସୁରକ୍ଷା, ସଂରକ୍ଷଣ, ପର୍ଯ୍ୟାଲୋଚନ, ସୁଦୃଢିକରଣ, ନିୟମ କାନୁନ ପାଳନ ଉପରେ ଏହି ନୀତି ଆଧାରିତ । ଏହି ନୀତି ବିଭିନ୍ନ ହୀତ ଧାରକ (Stake holders) ଯଥା–ବିଜ୍ଞାନ ଅନୁଷ୍ଠାନ, ବିନିଯୋଗ ଗୋଷ୍ଠି, ଅନ୍ତରାଷ୍ଟ୍ରୀୟ ଉନ୍ନୟନଙ୍କ ଭାଗିଦାରୀ ତଥା ପରିଶ୍ରମ ଦ୍ୱାରା ନିଜ ନିଜ ବିଭାଗରେ ଉନ୍ନୟନ ମୂଳକ କାର୍ଯ୍ୟ କରିପାରିବେ । ଏହି ନୀତିର ମୂଖ୍ୟ ଆଭିମୁଖ୍ୟ ହେଉଛି, ପରିବେଶର ସଂରକ୍ଷଣ ସହିତ ସୂଚାରୂରୂପେ ଜିବିକା ନିର୍ବାହ ଆଦର୍ଶ ବ୍ୟବହାର ତଥା ପରିବେଶ ସୁରକ୍ଷା ଦ୍ୱାରା ନିର୍ଭରଶୀଳ ଜନ ସାଧାରଣଙ୍କର ଉନ୍ନତି ସାଧନ କାର୍ଯ୍ୟ କରିବା ।

## ୫.୬ ରାଜ୍ୟ କୃଷି ନୀତି ୨୦୧୩

ଜୈବ କୃଷି ପଦ୍ଧତି, ପୃଷ୍ଟି ସାଧନ, ସମନ୍ୱିତ କୀଟ ନାଶକ ଦ୍ରବ୍ୟ ପରିଚାଳନା ଭିତ୍ତିକ ନୀତିର ପ୍ରବର୍ତ୍ତନ କରାଯାଇଛି ।

## ୬ ପରାମର୍ଶ ସାରାଂଶ

ପରିବେଶ ଓ ସାମାଜିକ ମାନାଙ୍କ ଗୁଡିକର ତଥ୍ୟକୁ ନେଇ ଉପଭୋକ୍ତା ଗୋଷ୍ଠିର ପରାମର୍ଶ ଅନୁସାରେ ଏହି ପ୍ରକଳ୍ପ ଆରମ୍ଭ ହୋଇଅଛି । ପ୍ରକଳ୍ପର ପ୍ରାଧାନ୍ୟତାର ମୁଖ୍ୟମାନଙ୍କ ହେଉଛି, ଜଳାଶୟର ଧାରଣ କ୍ଷମତା ବୃଦ୍ଧି, କୃଷିର ବିବିଧତାର ଉପଲବ୍ଧି, ଜୈବିକ ପ୍ରଭାବର ସରଳୀକରଣ, ମୃତ୍ତିକାର ଉର୍ବରତା ବୃଦ୍ଧି ତଥା ନିରନ୍ତର ବ୍ୟବହାର ଜରିଆରେ କୀଟ ଠାରୁ ସୁରକ୍ଷା ଓ ପୋଷଣର ମାନ ଦଣ୍ଡର ଉନ୍ନତି କରଣ । ଏଥିପାଇଁ ପରିଚାଳନା ନୈପୂନ୍ୟତାର ପ୍ରୟୋଗର ନିତାନ୍ତ ଆବଶକତା ରହିଛି । ସୌର ଚାଳିତ ପମ୍ପର ବିନିଯୋଗ ପରିବେଶ ସୁରକ୍ଷାରେ ଏକ ସକାରାତ୍ମକ ଭାବର ବିନ୍ୟାସ କରିଛି । ଏହା ଏକ ପ୍ରକାର ନିଶ୍ଚିତ ହୋଇପାରିଛି ଯେ ଗୋଷ୍ଠି ମାନଙ୍କର ବ୍ୟବହାର ପାଇଁ ଏହି ପ୍ରକଳ୍ପ ସମ୍ପୂର୍ଣ ରୂପେ ଆଦୃତ ହୋଇପାରିଛି ।

ଏହି ପ୍ରକଳ୍ପ ପରିବେଶ ଓ ସମାଜ ପରିଚାଳନା ଯୋଜନା (ESMP) ବିଷୟରେ ହିତାଧିକାରୀ ତଥା ବିନିଯୋଗକାରୀ ଗୋଷ୍ଠିଙ୍କୁ ସୂଚାଇ ଦିଆଯାଇଛି । ସ୍ଥାନୀୟ ଭାଷାରେ ଏହି ପ୍ରକଳ୍ପର ଦାୟିତ୍ୱ ଓ କାର୍ଯ୍ୟକ୍ରମକୁ ସମସ୍ତ ହିତଧାରକଙ୍କୁ ଅବଗତ କରାଯାଇଛି । ସ୍ଥାପନା କର୍ମଶାଳା ଦ୍ୱାରା ହିତାଧିକାରୀ ମାନଙ୍କୁ ESMP ତଥା ଅଭିଯୋଗ ବିଷୟରେ ସୁଚାଇ ଦିଆଯିବ । ESPM ର ପରିଚାଳନା ପାଇଁ ଗୋଷ୍ଠି ଏବଂ ହୀତାଧିକାରୀ ମାନଙ୍କର ଯୋଗଦାନ ଏକ ମୂଖ୍ୟ ଭୂମିକା ରହିଛି ।

## ୭ ପରିବେଶ ତଥା ସାମାଜିକ ସମସ୍ୟାର ଚାଲେଞ୍ଜ

ପ୍ରକଳ୍ପରେ ପରିବେଶ ଜନିତ ସୁବିଧା ତଥା ଏହାର ପ୍ରତିକୁଳ ବ୍ୟବସ୍ଥାରୁ ପ୍ରତିରକ୍ଷା ପାଇଁ ଏହି ବ୍ୟବସ୍ଥା ଏକ ମୁଖ୍ୟ ଭୂମିକା ଗ୍ରହଣ କରୁଛି ।

ଏହାର ମୁଖ୍ୟ ସିଧାସଳଖ ସକାରାତ୍ମକ ଉଦ୍ଦେଶ୍ୟ ଭାବେ ଭୂତଳ ଜଳର ଉନ୍ନତି କରଣ ଜୀବ ଜଗତ, କ୍ୟାଚମେଣ୍ଟ ଏରିଆ ବା ଜଳ ଆଗ୍ରହଣ ଅଞ୍ଚଳ ତଥା ମୃତ୍ତିକାର ମାନ ତଥା ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପର ନିର୍ଗମନ (GHG emission) ପ୍ରକ୍ରିୟାରେ ଉନ୍ନତି ସାଧନ ଅଟେ । ପ୍ରମାଦ ଗଣନା ଅନୁସାରେ ଯେହେତୁ ଏହି ପ୍ରକଳ୍ପରେ ସାମାଜିକ ଓ ପରିବେଶ ଉପରେ ସ୍ୱପ୍ନ ପ୍ରଭାବ ବିସ୍ତାରିତ ହୁଏ, GCF ତଥା, E&S ନୀତି ଅନୁସାରେ ଏହାକୁ ମଧ୍ୟମ ପ୍ରମାଦ ଭାବେ ଗଣନା କରି "ମଧ୍ୟମ ଶ୍ରେଣୀ" ଅଥବା "ଶ୍ରେଣୀ 'ଖ'" ଭାବେ ବର୍ଣନା କରାଯାଇଛି ।

ପ୍ରକଳ୍ପ ଗତିବିଧି ଦ୍ୱାରା ସାମାଜିକ ଓ ପରିବେଶର ପ୍ରଭାବକୁ ନିମ୍ନରେ ବର୍ଣନା କରାଗଲା ।

| ଭାଗ | | ପରିବେଶ ଓ ସାମାଜିକ ସମସ୍ୟାର ପରିଚୟ | ସମାଧାନର ଉପାୟ | ପ୍ରଶମନ ଯୋଜନା ଓ ଦାୟିତ୍ୱ |
|---|---|---|---|---|
| ୧ | ଜଳାଶୟର ପଙ୍କ ଉଦ୍ଧାରଣ । | ଜଳୀୟ ଜୀବଙ୍କ ତଥା ଜୈବ ବିବିଧତାର ଅଶାନ୍ତି । | ପ୍ରକଳ୍ପ ଅଞ୍ଚଳରେ ଜଳୀୟ ଜୀବଙ୍କ ଖୁବ କମ କିମ୍ବା ବିନା କ୍ଷତିରେ କାର୍ଯ୍ୟ ନିର୍ବାହ ସମ୍ପୂର୍ଣ କରିବା ଜଳାଶୟ ଗୁଡିକୁ ଚୟନ କରାଯିବ । | **ଅବସ୍ଥା:**–ଚୟନ, ଯୋଜନା ଅବସ୍ଥା, ସଂସ୍ଥାପନ ।<br>**ଦାୟିତ୍ୱ:**–<br>ପ୍ରାଥମିକ–EE,DPMU<br>ଦ୍ୱିତୀୟ-SO<br>ତୃତୀୟ-PP |
| | | ପଙ୍କ ପରିବହନ ଏବଂ ଅବସ୍ଥାପନ ବ୍ୟବସ୍ଥା ଏବଂ ପ୍ରଦୂଷଣ ସମସ୍ୟା । | ଚାଷି ମାନଙ୍କ ଚାହିଦା ଅନୁସାରେ ଚାଷ ଜମିରେ ଅଥବା ଆଡିବନ୍ଧର ଉନ୍ନତି ପାଇଁ ଏହି ପଙ୍କର ବ୍ୟବହାର । | **ଅବସ୍ଥା:**–ଯୋଜନା, ସଂସ୍ଥାପନ ।<br>**ଦାୟିତ୍ୱ:**–<br>ପ୍ରାଥମିକ–EE,DPMU<br>ଦ୍ୱିତୀୟ–SO<br>ତୃତୀୟ–PP |
| | | ଅବବାହିକା ଅଞ୍ଚଳରେ ଅତ୍ୟଧିକ ଜଳ ପ୍ରବାହ ଦ୍ୱାରା ମୃତ୍ତିକା କ୍ଷୟୀ କରଣ । | ପଙ୍କ ଉଦ୍ଧାର କାର୍ଯ୍ୟକ୍ରମ ଏପରି ଭାବେ କରାଯିବ ଯଦ୍ୱାରାକି ଅବବାହିକା ଅଞ୍ଚଳରେ ମୃତ୍ତିକା କ୍ଷୟିକରଣ ଜନିତ ଦୁର୍ଦ୍ଦଶା ହୋଇପାରିବ ନାହିଁ | **ଅବସ୍ଥା:**–ଯୋଜନା, ସଂସ୍ଥାପନ ।<br>**ଦାୟିତ୍ୱ:**–<br>ପ୍ରାଥମିକ–EE,DPMU<br>ଦ୍ୱିତୀୟ-SO<br>ତୃତୀୟ-PP |
| | | ସ୍ଥାନୀୟ ଗୋଷ୍ଠିଙ୍କ ସହାୟତା । | ସ୍ଥାନୀୟ ଲୋକଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟ କରିବାକୁ ପଡିବ, ଯଦ୍ୱାରାକି ସେମାନଙ୍କ ଜୀବିକା ନିର୍ବାହରେ କୌଣସି କୁ ପ୍ରଭାବ ପଡିବ ନାହିଁ । | **ଅବସ୍ଥା:**–ଯୋଜନା, ସଂସ୍ଥାପନ ।<br>**ଦାୟିତ୍ୱ:**–<br>ପ୍ରାଥମିକ–EE,DPMU<br>ଦ୍ୱିତୀୟ-SO<br>ତୃତୀୟ-PP |
| ୨ | ପୁନଃସଂଚାରଣ ପ୍ରକ୍ରିୟାର ଅବସ୍ଥାପନ । | ଜଳ ଗ୍ରହଣ ଅଞ୍ଚଳର ପ୍ରଦୂଷକ ଭୂଜଳ | ଏକକୀକୃତ କୀଟ ତଥା ପୋଷଣ ପରିଚାଳନା ପ୍ରକ୍ରିୟାକୁ | **ଅବସ୍ଥା:**–ଯୋଜନା, ସଂସ୍ଥାପନ । |

| | | | | |
|---|---|---|---|---|
| | | ମିଶ୍ରଣ । | ଏହି ପ୍ରକଳ୍ପ ଦ୍ୱାରା ପ୍ରୋତ୍ସାହନ ଦିଆଯିବ । (ଏମିତି ହିଁ ଓଡିଶାର ସାର ଓ କୀଟନାଶକ ପ୍ରକ୍ରିୟା ଭାରତର ହାରାହାରୀ ବ୍ୟବହାର ଠାରୁ ଖୁବ ନିମ୍ନରେ ଅଛି) । ପ୍ରକଳ୍ପ ନିର୍ମାଣରେ ଜଳର ମାନ ନିର୍ଦ୍ଧାରଣ ପାଇଁ ବ୍ୟବସ୍ଥା ରହିଛି । | ଦାୟିତ୍ୱ:-<br>ପ୍ରାଥମିକ-EE,DPMU<br>ଦ୍ୱିତୀୟ-SO<br>ତୃତୀୟ-PP |
| ୩ | ସୌର ଚାଳିତ ପମ୍ପର ସ୍ଥାପନା । | ମାତ୍ରାଧିକ ଭୂଜଳ ନିର୍ଗମ । | ଶସ୍ୟ-ଜଳ ଆବଶ୍ୟକତା ପ୍ରକ୍ରିୟା ପାଇଁ ତଥା ଜଳ ପ୍ରବଣ୍ଟନ ପ୍ରକ୍ରିୟା ପାଇଁ ମାଷ୍ଟର ପ୍ଲାନ ତିଆରି କରାଯାଇଛି । (ଉପାଦାନ-୨, ୨.୩, ୨.୪) ନିରନ୍ତନ ଜଳ ବ୍ୟବହାର ଓ ଭୂଜଳ ପରିଚାଳନା ପାଇଁ ଜଳ ବଜେଟ ନିୟମ ଅନୁସାରେ କାର୍ଯ୍ୟ କରିବା ପାଇଁ ସୌର ପମ୍ପ ଅଧିକାରୀଙ୍କ ସହ ସହମତିର ଚୁକ୍ତି ହୋଇଥାଏ । ଏହି ପ୍ରକ୍ରିୟା ଅନଧିକାର ଭାବେ ଜଳ ବିନିଯୋଗ ତଥା ପ୍ରଦୂଷଣର କାରଣ ହୋଇପାରେ । | ଅବସ୍ଥା:- ସଂସ୍ଥାପନ ।<br>ଦାୟିତ୍ୱ:-<br>ପ୍ରାଥମିକ-EE,DPMU<br>ଦ୍ୱିତୀୟ-SO<br>ତୃତୀୟ-PP<br>ଓ ଉପଭୋକ୍ତା |
| | | ଜଳ ଉପଭୋକ୍ତା ଓ ହିତାଧିକାରୀ ମାନଙ୍କ ଚୟନର ସମତା । | ଦୁର୍ବଳ ସ୍ତରୀୟ ସମ୍ପଦର ଉପସ୍ଥିତି ତଥା ବୈଷୟିକ ଜ୍ଞାନ କୌଶଳ ଅନୁସାରେ ଉପଭୋକ୍ତାଙ୍କୁ ଚୟନ କରା-ଯିବ । | ଅବସ୍ଥା:- ଚୟନ ଓ ସଂସ୍ଥାପନ ।<br>ଦାୟିତ୍ୱ:-<br>ପ୍ରାଥମିକ-EE,DPMU<br>ଦ୍ୱିତୀୟ-SO<br>ତୃତୀୟ-PP |

| | | | | |
|---|---|---|---|---|
| ୪ | ଜଳବାୟୁ ପ୍ରତିରୋଧ ବିଶିଷ୍ଟ ଜୀବନ ଧାରଣ । | ଅଧିକ ମାତ୍ରାରେ କୀଟ ନାଶକ ଦ୍ରବ୍ୟ ଓ ସାର ପ୍ରୟୋଗ । | ପ୍ରକଳ୍ପରେ ସମନ୍ୱିତ ପୋଷଣ ଓ କୀଟନାଶକ ଦ୍ରବ୍ୟର ପ୍ରୟୋଗ । | **ଅବସ୍ଥା:–** ସଂସ୍ଥାପନ ।<br>**ଦାୟିତ୍ୱ:–**<br>ପ୍ରାଥମିକ–EE,DPMU<br>ଦ୍ୱିତୀୟ–SO<br>ତୃତୀୟ–PP |
| ୫ | ପ୍ରଶିକ୍ଷଣ ଓ କ୍ଷମତା ନିର୍ମାଣ । | ସମତାର ସୁ-ନିଶ୍ଚିତତା । | ପାଣି ପଞ୍ଚାୟତ, ଗ୍ରାମ ପଞ୍ଚାୟତ, ଗୋଷ୍ଠିଙ୍କର ପରାମର୍ଶ ଅନୁସାରେ ଉନ୍ନୟନକୁ ପରିଲକ୍ଷିତ କରି ଉପଭୋକ୍ତାଙ୍କୁ ଚୟନ କରାଯିବ । ଏହି ଚୟନ ପ୍ରକ୍ରିୟାରେ ଦୁର୍ବଳ ଶ୍ରେଣୀକୁ ପ୍ରାଧାନ୍ୟ ଦିଆଯିବ । | **ଅବସ୍ଥା:–** ସଂସ୍ଥାପନ ।<br>**ଦାୟିତ୍ୱ:–**<br>ପ୍ରାଥମିକ–EE,DPMU<br>ଦ୍ୱିତୀୟ–SO<br>ତୃତୀୟ–PP |

**EE**-Executing Entity-କାର୍ଯ୍ୟ ସଂପାଦନକାରୀ ସଂସ୍ଥା ।

**DPMU**-District Project Management Unit-ଜିଲ୍ଲା ପ୍ରକଳ୍ପ ପରିଚାଳନା ବିଭାଗ ।

**SO**-Support Organization-ସହକାରୀ ସଂସ୍ଥା ।

**PP**-Pani Panchayat-ପାଣି ପଞ୍ଚାୟତ ।

## ୮ ଆଦିବାସୀ ଉନ୍ନୟନ ଯୋଜନା

ଓଡିଶା ରାଜ୍ୟରେ ଆଦିବାସୀଙ୍କର ସଂଖ୍ୟା ଖୁବ ବେଶୀ । ଆଦିବାସୀମାନେ କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ନହୋଇ ଏହି ବ୍ୟବସ୍ଥାର ପ୍ରଭାବ ଦ୍ୱାରା ଉପକୃତ ହୋଇ ପାରିବ । ଏହି କାରଣରୁ ଆଦିବାସୀ ଉନ୍ନୟନ ଯୋଜନାକୁ ନିମ୍ନରେ ପ୍ରଦତ୍ତ କରାଗଲା–

### ଆଦିବାସୀ ଜୀବନ ଧାରଣ

ପ୍ରକଳ୍ପ ସଂସ୍ଥାପନ ସାହାଯ୍ୟରେ ଆଦିବାସୀଙ୍କ ସମିଶ୍ରଣ ନେଇ ତଥା ଜନଜାତିର ଜୀବନ ଶୈଳୀର ଉତଥାନ ପାଇଁ କାର୍ଯ୍ୟକ୍ରମ ଗୁଡିକୁ ହାତକୁ ନିଆଯାଇଛି । ଏଥି ଅନୁଯାୟୀ ଜୀବନ ଶୈଳୀ କାର୍ଯ୍ୟକ୍ରମକୁ ଗଠନ କରାଯାଇ କାର୍ଯ୍ୟକ୍ରମର ଉପାଦାନରେ ସ୍ଥାନ ଦିଆଯାଇଛି ।

### ଆଦିବାସୀଙ୍କ କ୍ଷମତା ଧାରଣ ସହଯୋଗ ଓ ସଂସ୍ଥାପନ

ଗୋଷ୍ଠି, ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମରେ ହିତାଧିକାରୀ ମାନଙ୍କୁ ନିୟୋଜନ କରାଯାଇ ସେମାନଙ୍କର ଦକ୍ଷତା ବିକାଶ ପାଇଁ ଏହି ପ୍ରକଳ୍ପରେ ପ୍ରଚେଷ୍ଟା ରହିଛି । ନିଜ ଗୋଡରେ ନିଜେ ଠିଆ ହେବାପାଇଁ ଦୁର୍ବଳ ଆଦିବାସୀ ମାନଙ୍କର ସଶକ୍ତି କରଣ ଏହି ଯୋଜନାର ଆଭିମୁଖ୍ୟ ରହିଛି ।

| ପ୍ରକଳ୍ପ ସୋପାନ | ପ୍ରକଳ୍ପ ଉଦ୍ଦେଶ୍ୟ ଏବଂ ପରିଚାଳନା ନୈପୂନ୍ୟ । | ଆଶାୟୀ ଫଳାଫଳ |
|---|---|---|
| ପ୍ରାରମ୍ଭିକ ସୋପାନ | • ପ୍ରକଳ୍ପ ଉପାଦାନ ଗୁଡିକ ବିଷୟରେ ଆଦିବାସୀ ପରିବାର ତଥା ଚାଷୀ ମାନଙ୍କ ସହିତ ଆଲୋଚନା ।<br>• ମୁଖ୍ୟ ବିଷୟ ଗୁଡିକ ବିଷୟରେ ହସ୍ତକ୍ଷେପ ତଥା ପ୍ରକଳ୍ପ ବିଷୟରେ ସେମାନଙ୍କର ସହଯୋଗ ।<br>• କାର୍ଯ୍ୟର ଆବଶ୍ୟକତା ଅନୁସାରେ କାର୍ଯ୍ୟପାଇଁ ପ୍ରାଧାନ୍ୟତା ପ୍ରଦାନ ଦ୍ୱାରା ବିଭିନ୍ନ କାମର ବ୍ୟବସ୍ଥା ଗ୍ରହଣ । | • ପ୍ରକୃତ ଆବଶ୍ୟକ କ୍ଷେତ୍ରଗୁଡିକୁ ଚିହ୍ନଟ କରାଯାଇ ଆଦିବାସୀ ଚାଷୀ ମାନଙ୍କ ଉଦ୍ଦେଶ୍ୟରେ ଗାଇଡ ଲାଇନ (ଅଧିନିୟମ)ପ୍ରଚଳନ ।<br>• ବିଭିନ୍ନ କାର୍ଯ୍ୟର ଆବଶ୍ୟକ ଅନୁସାରେ କାର୍ଯ୍ୟ ସୂଚୀ ପ୍ରକରଣ ଓ ଆଦିବାସୀଙ୍କର ସହଯୋଗ ଦ୍ୱାରା କାର୍ଯ୍ୟ ସଂପୂର୍ଣ୍ଣ । |
| ପ୍ରୟୋଗକରଣ ସୋପାନ | • ଏହି ପ୍ରୟୋଗକରଣ ସୋପାନରେ ପ୍ରୟୋଗର ପ୍ରାଧାନ୍ୟତାକୁ କାର୍ଯ୍ୟରେ ପରିଣତ କରାଯାଇଥାଏ ।<br>• ପ୍ରକଳ୍ପର ପ୍ରାଧାନ୍ୟତାକୁ ଉପଲବ୍ଧି କରି ନିୟମ ଅନୁସାରେ କାର୍ଯ୍ୟ ସାଧନ କରାଯାଇଥାଏ ।<br>• କାର୍ଯ୍ୟର ପ୍ରତ୍ୟେକ ସୋପାନକୁ ପର୍ଯ୍ୟାଲୋଚନା କରାଯାଇ ଥାଏ ।<br>• ଆଦିବାସୀଙ୍କର ବୁଦ୍ଧିର ବିକାଶ ଶଶକ୍ତି କରଣ ଦ୍ୱାରା, ବଜାର ଦର ନିୟନ୍ତ୍ରଣ ତଥା ବିଭିନ୍ନ | • ଆଦିବାସୀ ଓ ଆଦିବାସୀ ଚାଷୀ ମାନଙ୍କ ସହଯୋଗ ଦ୍ୱାରା ପ୍ରକଳ୍ପର ଗଠନ ।<br>• ପ୍ରକଳ୍ପରେ ସହଯୋଗ ଦ୍ୱାରା ଅଧିସୁଚୀତ ତଥା ଅନୁନ୍ନତ ଅଞ୍ଚଳରେ ଉନ୍ନତ ମାନର ପ୍ରକଳ୍ପ ନିର୍ମାଣ ।<br>• ଉନ୍ନତ ଧରଣର ଗଠନ ମୂଳକ ତଥା ପରିଚାଳନା ବ୍ୟବସ୍ଥା ପାଇଁ ଆଦିବାସୀଙ୍କ ସକ୍ରିୟ ସହ-ଯୋଗ ।<br>• ଆଧୁନିକ କୃଷି ପ୍ରଣାଳୀ ଦ୍ୱାରା ଆଦିବାସୀ ଚାଷୀଙ୍କ ଶଶକ୍ତି କରଣ ଦ୍ୱାରା ଉତ୍ପାଦନ ବୃଦ୍ଧିର |

| | | |
|---|---|---|
| | ଚାଷର ଉପାୟ ଓ ଶିଳ୍ପର ବିକାଶ ପାଇଁ ଧ୍ୟାନ ଦିଆଯାଇଥାଏ ।<br>• କାର୍ଯ୍ୟର ବିଭିନ୍ନ ସଫଳ ସୋପାନ ଗୁଡିକର ଲିଖନ ଓ ବିଭିନ୍ନ ପ୍ରାରମ୍ଭିକ ପ୍ରକ୍ରିୟା ଦ୍ୱାରା ଆଦିବାସୀଙ୍କର ସହଯୋଗରେ ପ୍ରକଳ୍ପ ଗଠନ । | ସହାୟତା । |

୮.୧ ଆଦିବାସୀ ଉନ୍ନୟନ ଯୋଜନାର ଢାଞ୍ଚା

| ଗତିବିଧି | ଉପ-ଗତିବିଧି | ପ୍ରମୁଖ ପ୍ରତିବନ୍ଧକ | ପରିଯୋଜନା ଦୃଷ୍ଟିକୋଣ ଓ କୌଶଳ । |
|---|---|---|---|
| ଆଧାର ଭିତ୍ତିକ ପଠନ (Base line study) | ହିତାଧିକାରୀଙ୍କ ଆବଶ୍ୟକତାର ସୀମା ଚିତ୍ର ନିର୍ଦ୍ଧା-ରଣ । | ଆଦିବାସୀ ଚାଷୀଙ୍କର ସଂଖ୍ୟା ଆକଳନ ଓ ସେମାନଙ୍କର ଆବଶ୍ୟକ ବିଷୟରେ ଆବଶ୍ୟକ ଜ୍ଞାନ ଆହାରଣ, ଯେଉଁ ଜାଗାରେ ଅନୁସୂଚୀତ ଜନଜାତି କମ ସଂଖ୍ୟାରେ ରହିଛନ୍ତି । | ଆଦିବାସୀ ମାନଙ୍କ ଜମିର ଅଧିଗ୍ରହଣ ଚିହ୍ନ । ଅଣ ଆଦିବାସୀ ଓ ଆଦିବାସୀ ମାନଙ୍କର ଭିତ୍ତି ଭୂମିର ଚିହ୍ନଟ । |
| ଜଳାଶୟ ଉନ୍ନତି କରଣ ଯୋଜନା । | ଜଳାଶୟର ଚିହ୍ନଟ କରଣ । | ଜଙ୍ଗଲ ନିକଟର ଆଭ୍ୟନ୍ତରିଣ ଗ୍ରାମ ଗୁଡିକରେ ଗମନାଗମନର ଅସୁବିଧା ଯୋଗୁଁ ଅପହଞ୍ଚ ହୋଇ ପାରେ । | ଆଦିବାସୀ ଚାଷୀ ମାନଙ୍କର ସହଯୋଗ ଦ୍ୱାରା ଅଭ୍ୟନ୍ତରୀଣ ଜଙ୍ଗଲ ଗ୍ରାମ ଗୁଡିକରେ ସମଭାଗ ଜୋର ଦେଇ କାର୍ଯ୍ୟ କରାଯିବ । |
| ପ୍ରକୃତ ମାନର ନିର୍ମାଣ ପଦ୍ଧତି । (SOP) | ହିତାଧିକାରୀ ମାନଙ୍କ ଦ୍ୱାରା ପ୍ରକୃତ ମାନର ନିର୍ମାଣ ପଦ୍ଧତିର ପ୍ରଚଳନ । | ଆଦିବାସୀ ମାନେ ସାଧାରଣତଃ ନିଷ୍ପତ୍ତି ନେବାରେ ଅକ୍ଷମ । | ପ୍ରକଳ୍ପ ଦ୍ୱାରା ପାଣି ପଞ୍ଚାୟତ, ଚାଷୀ ସଙ୍ଘ ମାନଙ୍କୁ ବିନିଯୋଗ କରି ନିର୍ମାଣ ପଦ୍ଧତିର ପ୍ରଚଳନ । |
| ଭୂଜଳ ପୁର୍ନ ସଂଚାରଣ ପଦ୍ଧତିରେ ସ୍ଥାପନ | ଭୂଜଳ ପୁର୍ନ ସଂଚାରଣ ପଦ୍ଧତି ଗଠନ ଓ ପର୍ଯ୍ୟାଲୋଚନ । | ଆଦିବାସୀ ଅଞ୍ଚଳରେ କୃଶଳତାର ଅଭାବ ଥାଏ । | ଜଳ ସାଥି ମାନଙ୍କୁ ନେଇ କୃଶଳତାର ବିକାଶ କରାଯାଇ ପାରିବ ଓ ବିନିଯୋଗ କରାଯାଇ ପାରିବ । |

| | | | |
|---|---|---|---|
| ଜୀବିକା ନିର୍ବାହ ବିକାଶର ଯୋଜନା । | ଖାଦ୍ୟ ସୁରକ୍ଷା ପାଇଁ ଅଧିକ ଜଳର ବ୍ୟବସ୍ଥା ଏବଂ ତଦନୁଯାୟୀ କାର୍ଯ୍ୟକ୍ରମ ନିର୍ଦ୍ଧା–ରଣ । | ନିକଟବର୍ତ୍ତି ସହର ଓ ଗ୍ରାମର ଜଙ୍ଗଲ ଉପରେ ନିର୍ଭରତା ତଥା ଚାଷୀ ମାନଙ୍କର ସହରାଞ୍ଚଳ ଆଭିମୁଖ୍ୟ ଗମନ । | ଛତୁ ଚାଷ, କୁକୁଡା ଚାଷ, ସୌର ଶୁଷ୍କତା ଇତ୍ୟାଦି ଦ୍ୱାରା ଖାଦ୍ୟ ନିରାପତ୍ତାର ସୁଯୋଗ ଯୋଗାଇବା ଦ୍ୱାରା ସହରାଭିମୁଖୀଙ୍କୁ ବନ୍ଦ କରାଯାଇ ପାରିବ । |
| ଶସ୍ୟ–ଜଳ ବଜେଟ ଏବଂ ଜଳବଣ୍ଟନ । | | ଆଦିବାସୀ ମାନଙ୍କର ନିଷ୍ପତ୍ତି ନେବାରେ ଅଂଶ ଗ୍ରହଣ କରିବାର ଅଭାବ ଦେଖାଦେଇ ଥାଏ । | ଚାଷୀ ମାନଙ୍କୁ ଜାଗୃତି ଓ ପ୍ରୋତ୍ସାହନ ପାଇଁ ଗୁରୁତ୍ୱ ଆରୋପ । ଆଦିବାସୀଙ୍କର ଅନୁପାତିକ ସମିଶ୍ରଣ ଦ୍ୱାରା ପାଣି ପଞ୍ଚାୟତର ଗଠନ । |
| ସୌର ପମ୍ପର ସ୍ଥାପନ | ନାରୀ ଉପଭୋକ୍ତାଙ୍କୁ ମରାମତି ଓ ରକ୍ଷଣା ବେକ୍ଷଣ କାର୍ଯ୍ୟରେ ନିୟୋଜନ । | ଆଦିବାସୀ ପରିବାରଙ୍କୁ ଏବଂ ମହିଳା ମାନଙ୍କୁ ପ୍ରଶିକ୍ଷଣ ଓ ପ୍ରମାଣ ପତ୍ର ପ୍ରଦାନ । | ଅଧିକ ଆଦିବାସୀ ଅଞ୍ଚଳର ଅତି କମରେ ଏକ ତୃତୀୟ ଅଂଶ ସ୍ଥାନରେ ସୌର ଚାଳିତ ପମ୍ପର କାର୍ଯ୍ୟ ପଦ୍ଧତିର ପ୍ରକରଣ । ଆଦିବାସୀ ଅଞ୍ଚଳରେ ଅନୁପାତ କ୍ରମେ କୁଶଳୀ ଉନ୍ନତକରଣ ତଥା ପ୍ରମାଣ ପତ୍ର ପ୍ରଦାନ । |
| କ୍ଷମତା ବର୍ଦ୍ଧନ | ପୂର୍ନ ସଂଚାରଣ କାର୍ଯ୍ୟରେ ତଦାରଖ ତଥା ତିଆରି ଓ ମରାମତି କାମ ତଥା ଜଳର ମାନ ନିର୍ଦ୍ଧାରଣ । | ଆଦିବାସୀ ତଥା ଜଳସାଥୀ ମାନଙ୍କୁ ନିୟୋଜନ । | ଆଦିବାସୀ ପରିବାରଙ୍କୁ ପ୍ରଶିକ୍ଷଣ ବ୍ୟବସ୍ଥା ଦ୍ୱାରା ଇଚ୍ଛା ଶକ୍ତିର ଜାଗୃତ କରିବା । |
| ଜଳ ବ୍ୟବହାର ଉନ୍ନତ ସୁପରିଚାଳନା । | ଡ୍ରିପ (ବୁନ୍ଦ) ତଥା ସ୍ପ୍ରିଙ୍କଲର (ଉତ୍ସ) ଜଳସେଚନ ପ୍ରଣାଳୀର ପ୍ରୋତ୍ସାହନ । | ଆଦିବାସୀ ମାନଙ୍କୁ ସଂଲଗ୍ନ କରାଇବା । | ଆନୁପାତିକ ଭାବେ ଆଦିବାସୀଙ୍କୁ ବୁନ୍ଦ ଓ ଉତ୍ସ ଜଳସେଚନ ବ୍ୟବସ୍ଥାରେ ଅଂଶ ପ୍ରଦାନ । ଜଳସେଚନ ପ୍ରଣାଳୀର ପ୍ରଦର୍ଶନ ତଥା ପ୍ରଶିକ୍ଷଣ । |

| | | | |
|---|---|---|---|
| ପନ୍ୟଦ୍ରବ୍ୟ ଭିତ୍ତିକ ଉନ୍ନତି କରଣ । | FPL ର ଉନ୍ନତି କରଣ । | ଅଭେଦ୍ୟ ତଥା ଦୁର୍ବଳ ସ୍ଥାନ ଗୁଡିକରେ FPO/FPL ର ଅଭାବ । | ଘଞ୍ଚ ଆଦିବାସୀ ଅଞ୍ଚଳରେ ପ୍ରକଳ୍ପ ଦ୍ୱାରା FPL ର ଉନ୍ନତି କରଣ । FLP ର ପରିଚାଳନା ପାଇଁ ଆଦିବାସୀ ସଭ୍ୟଙ୍କୁ ପ୍ରଶିକ୍ଷଣ । |

## ୯ ESMP ର ପ୍ରଚଳନ ବ୍ୟବସ୍ଥା

| ପ୍ରମୁଖ ଦାୟିତ୍ୱ | ପ୍ଲାନିଂ ସୋପାନ | କାର୍ଯ୍ୟ ସଂସ୍ଥାପନ ସୋପାନ |
|---|---|---|
| ମାନ୍ୟତା ପ୍ରାପ୍ତ ସତ୍ତା । | • ESMP ର ଉନ୍ନତି କରଣ ।<br>• ESPM ର ପ୍ରକଟୀ କରଣ ଓ ସଂଯୋଗ କରଣ । | • ESMP ର ସମୟାନୁସାରେ ପର୍ଯ୍ୟାଲୋଚନ ଓ ରିପୋର୍ଟ ପ୍ରଦାନ ।<br>• ଅଭିଯୋଗର ପର୍ଯ୍ୟାଲୋଚନ ଓ ପ୍ରତିକାର ।<br>• ପରିବେଶ ଓ ସମାଜର ଲେଖା ପରୀକ୍ଷା । |

## ୯.୧ ESPM ର ପ୍ରଚଳନ ବ୍ୟବସ୍ଥା

| ପ୍ରମୁଖ ଦାୟିତ୍ୱ | ପ୍ଲାନିଂ ସୋପାନ | କାର୍ଯ୍ୟ ସଂସ୍ଥାପନ |
|---|---|---|
| ଜଳସମ୍ପଦ ବିଭାଗ ଅଧିନରେ ପ୍ରକଳ୍ପ ପରିଚାଳନା ୟୁନିଟ (କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥା) | • ଜଳାଶୟର ଚୟନ ଓ ପ୍ଲାନିଂ ଦ୍ୱାରା ମୃତ୍ତିକା ସଂରକ୍ଷଣ ଜୈବ ବିବିଧତାରେ ନଷ୍ଟ ନକରି ପୁର୍ନଉଦ୍ଧାର, ପଙ୍କ ଉଦ୍ଧାର ଓ ପୁର୍ନଭରଣ କାର୍ଯ୍ୟକ୍ରମ ।<br>• ପରିବେଶ ଓ ସାମାଜିକ ବିଷୟବସ୍ତୁକୁ ସଂଯୋଗ ସ୍ଥାପନ ତଥା ଓକିଲାତି ଦ୍ୱାରା ଅବଗତ | • ଉପଭୋକ୍ତା ତଥା ଜଳାଶୟ ଗୁଡିକୁ ଚୟନ କରିବା ଏବଂ ସ୍ଥାପନା କରିବା ।<br>• ପାଣି ପଞ୍ଚାୟତ ତଥା ଉପଭୋକ୍ତା ମାନଙ୍କ ସହ ସମ୍ପର୍କ ସ୍ଥାପନ କରିବା ଏବଂ ଦକ୍ଷତା ବିକାଶ କରାଇବା ।<br>• ଅଭିଯୋଗର ପ୍ରତିକାର ନିୟମ କାନୁନ ଓ |

| | | |
|---|---|---|
| | କରାଇବା ।<br>• ଅଭିଯୋଗ ପ୍ରକୋଷ୍ଠର ସ୍ଥାପନା କାରିବା । | ପୋଲିସ ଢାଞ୍ଚାର ସାମୀକରଣ ତଥା ସମାଧାନ ସାମାଜିକ ଓ ପରିବେଶର ତନଖି । |
| ଜିଲ୍ଲାସ୍ତରୀୟ ପ୍ରକଳ୍ପ ପରିଚାଳନା ବିଭାଗ (DPMU) | EMF ପାଇଁ DPMU ର ଯୋଗାଯୋଗ ଗ୍ରାମ ପଞ୍ଚାୟତ ଏବଂ ଉପଭୋକ୍ତାଙ୍କ ସହିତ ରହିବ ।<br>DPU-ସାମାଜିକ ତଥା ପରିବେଶର ତନଖି କରିବ ।<br>ବୈଷୟିକ ପ୍ରସ୍ତାବ ଗୁଡିକୁ ତନଖି କରି ଅନୁମୋଦନ କରିବ ଏବଂ ପାଣି ପଞ୍ଚାୟତ ତଥା ଉପଭୋକ୍ତା ସହିତ ସହମତି କରିବ । | ନିରନ୍ତର ଭାବେ ESMP ର ତଦାରଖ ତଥା ପର୍ଯ୍ୟାଲୋଚନା କରିବ ।<br>ଜିଲ୍ଲାର ସାମାଜିକ ତଥା ପରିବେଶ ଜନିତ ପର୍ଯ୍ୟାଜୋଚନା ରିପୋର୍ଟ ପ୍ରଦାନ କରିବ । |
| ପାଣି ପଞ୍ଚାୟତ | • ଜଳ ସୁରକ୍ଷା ଯୋଜନାର ପ୍ରସ୍ତୁତି ।<br>• ଉପଭୋକ୍ତା ଚୟନରେ ସମାନତା ପ୍ରଦାନ ।<br>• ପରିବେଶ ଯୋଜନା ପାଇଁ ଉପଭୋକ୍ତାଙ୍କୁ ଜଳାଶୟ ସ୍ତରରେ ସାହାଯ୍ୟ କରିବା।<br>• ପୁର୍ନ ସଂଚାରଣ ଖନନ କୂପ ତଥା ଜଳାଶୟ ନିର୍ମାଣରେ ସାହାଯ୍ୟ । | • E&S ବିଷୟରେ ସଚେତନତା ।<br>• IPM ଏବଂ INM ତଥା ଜୈବିକ କାର୍ଯ୍ୟକ୍ରମର ପ୍ରୋତ୍ସାହନ ।<br>• ଉପଭୋକ୍ତା ତଥା ଆର୍ଥିକ ପରିଚାଳନା ସହ ଯୋଗସୂତ୍ର ରକ୍ଷା ।<br>• ସାମାଜିକ ତନଖି ଦ୍ଵାରା ଜଳାଶୟ ଓ ପୁନଃଭରଣ ପ୍ରକଳ୍ପକୁ ସୁରକ୍ଷା । |
| ସହାୟକ ସଂସ୍ଥା (SO) । | DPMU, ଉପଭୋକ୍ତାଙ୍କୁ ଯୋଜନା, ସଂଯୋଜନା, | ଉପଭୋକ୍ତାଙ୍କୁ ବୈଷୟିକ ଜ୍ଞାନ ପ୍ରଦାନ ଓ ପାଣି ପଞ୍ଚାୟତ |

| | | |
|---|---|---|
| | ପରିଚାଳନା, ସାମାଜିକ ତଥା ପରିବେଶ ଜନିତ ତନଖି ଓ ସେବା ପ୍ରଦାନ । | ସହିତ ସଂଯୋଜନା ଜନିତ, ସମସ୍ତ କାର୍ଯ୍ୟ ସମ୍ପୂର୍ଣ ତଥା ପର୍ଯ୍ୟାଲୋଚନା । |
| ଉପଭୋକ୍ତା ସଂସ୍ଥା | • ଗ୍ରାମ୍ୟସଭା ଦ୍ୱାରା ପରିବେଶ ଜନିତ ସମସ୍ୟାର ଆକଳନ ।<br>• ସହାୟକ ସଂସ୍ଥା ଓ ପାଣି ପଞ୍ଚାୟତ ଦ୍ୱାରା ସମସ୍ୟା ଓ ଅସୁବିଧା ଗୁଡିକର ସମାଧାନ । | • ପରିବେଶର ପ୍ରତିକାର ସଂସ୍ଥାପନା ।<br>• ନିରନ୍ତର ଭାବେ ପାଣି ପଞ୍ଚାୟତ ଓ ସହକାରୀ ସଂସ୍ଥା ସାହାଯ୍ୟରେ ସମସ୍ତ କାର୍ଯ୍ୟର ତଦାରଖ ଓ ପର୍ଯ୍ୟାଲୋଚନା । |
| ରେଖା ବିଭାଗ ଗୁଡିକ:– କୃଷି, **OREDA**, ପଞ୍ଚାୟତରାଜ ଗ୍ରାମ୍ୟ ଉନ୍ନୟତ (ଜଙ୍ଗଲ ଓ ଜଳଛାୟା ପ୍ରକଳ୍ପ) । | • ସୌର ପମ୍ପ ଓ ଜଳ ଆଧାର କାମ ଦ୍ୱାରା PMU ସହିତ ସହଯୋଗ, ପରିବେଶ ଜନିତ ସ୍ଥିତି ସ୍ଥାପକ ଜୀବିକା ନିର୍ବାହ କାର୍ଯ୍ୟକ୍ରମ । | • ପଙ୍କ ଉଦ୍ଧାର ଓ ଉନ୍ନୟନ କାର୍ଯ୍ୟକୁ ସମୟ ଭିତରେ ସମ୍ପୂର୍ଣ କରିବା ।<br>• ଆବଶ୍ୟକୀୟ ସମାଧାନ ବିଷୟରେ ତଥା ପଲିସୀ ଢାଞ୍ଚା ଏବଂ ଶ୍ରମ ନିୟମାବଳୀ ଇତ୍ୟାଦିର ପାଳନ । |

**୯.୨ କାର୍ଯ୍ୟ ନିର୍ବାହୀ ସଂସ୍ଥା ସ୍ତରରେ ବିସ୍ତାର ଦାୟିତ୍ୱ**

| ବ୍ୟବସ୍ଥା | ଦାୟିତ୍ୱ | | | ପରିଦର୍ଶନ ଓ ଅନୁମୋଦନ |
|---|---|---|---|---|
| | ପ୍ରାରମ୍ଭିକ | ଦ୍ୱିତୀୟ | ଆକଳନ | |
| ପ୍ରକଳ୍ପ ପାଇଁ ପ୍ରେରଣା ଓ ଜାଗରଣ | SO | DPMU (ସଂଯୋଗକାରୀ ସଂସ୍ଥା) | PMU (ସଂଯୋଗକାରୀ ସଂସ୍ଥା) | PMU |
| ସମାଜ ଓ ଆର୍ଥିକ ସର୍ଭେ (ଆଧାରିକ | SO, EE (ତୃତୀୟ ପକ୍ଷ ସଂସ୍ଥା ଦ୍ୱାରା | DPMU | PMU | PMU |

| | | | | |
|---|---|---|---|---|
| ସଂରଚନା ସର୍ଭେ) | ସର୍ଭେ ମଧ୍ୟ କରାଯାଇ ପାରେ) | | | |
| ଅଣୁ ପ୍ଲାନିଂ (ଗୃହ ଶୂନ୍ୟ ଓ ମହିଳା ମାନଙ୍କ ନିମନ୍ତେ) | SO | DPMU | PMU | |
| ସହାୟକ ସଂସ୍ଥାର ସାହାଯ୍ୟ ନେଇ ପାଣି ପଞ୍ଚାୟତ ଦ୍ୱାରା ଜଳବଜେଟ, ଜଳଶସ୍ୟ ଆବଶ୍ୟକତାର ପ୍ରାଥମିକ ଆକଳନ (ପାଣି ପଞ୍ଚାୟତ ନଥିବା ସ୍ଥାନରେ ଆୟକଟଦାରଙ୍କ ଦ୍ୱାରା) । | ଜଳସେଚନ ବିଭାଗ ଅଫିସରଙ୍କ ସହ ସହାୟକ ସଂସ୍ଥା | ରେଭେନ୍ୟୁ ବିଭାଗ ଅଫିସରଙ୍କ ସହ DPMU | PMU | PMU |
| ସହାୟକ ସଂସ୍ଥା ଦ୍ୱାରା ଜଳସାଥି ଓ ପାଣି ପଞ୍ଚାୟତ ମାନଙ୍କୁ ପ୍ରାଥମିକ ଚୟନ । | ଜଳସେଚନ ବିଭାଗ ଅଫିସରଙ୍କ ସହ ସହାୟକ ସଂସ୍ଥା | ରେଭେନ୍ୟୁ ବିଭାଗ ଅଫିସରଙ୍କ ସହ DPMU | PMU | PMU |
| କୌଣସି ଅଭିଯୋଗ ଯଦି ରହିଥାଏ, ତାହାର ରକ୍ଷଣ, ଶୁଣାଣି ଓ ପ୍ରତ୍ୟାର୍ପଣ । | DPMU | PMU | (Steering) ସଂଚାଳନା କମିଟୀ | ସଂଚାଳନା Steering କମିଟୀ |
| ଅଣୁ ଯୋଜନା (Micro planning) ଏବଂ ସହାୟକ ଡାଞ୍ଚା ପ୍ରସ୍ତୁତି ପୂର୍ବରୁ ଗ୍ରାମ ସଭା | SO, DPMU | PMU | (Steering) ସଂଚାଳନା କମିଟୀ | ସଂଚାଳନା Steering କମିଟୀ |

| | | | | |
|---|---|---|---|---|
| ଅନୁମୋଦନ ଓ ପରାମର୍ଶ । | | | | |

## ୧୦ ପର୍ଯ୍ୟାଲୋଚନା ଓ ରିପୋର୍ଟ ପ୍ରଦାନ

ପରିବେଶ ଓ ସାମାଜିକ ପରିଚାଳନା ଯୋଜନା ଅନ୍ତର୍ଭୁକ୍ତ ପର୍ଯ୍ୟାଲୋଚନା ପ୍ରକ୍ରିୟା ୨ଟି ସ୍ତରକୁ ନେଇ ଗଠନ କରାଯାଇଅଛି ।

(୧) ଅନ୍ତଃ ପର୍ଯ୍ୟାଲୋଚନା ପ୍ରକ୍ରିୟା ଓ

(୨) ବାହ୍ୟ ପର୍ଯ୍ୟାଲୋଚନା ପ୍ରକ୍ରିୟା ।

**ଅନ୍ତଃ ପର୍ଯ୍ୟାଲୋଚନା ପ୍ରକ୍ରିୟା**

ଅନ୍ତଃ (୬ ମାସ ମିଆଦ) ପର୍ଯ୍ୟାଲୋଚନା ପ୍ରକ୍ରିୟାଟି ପ୍ରକଳ୍ପ ନିର୍ବାହୀ ସଂସ୍ଥା (ଜଳସମ୍ପଦ) ଦ୍ଵାରା ପରିଚାଳିତ । ପରିବେଶ ଓ ସାମାଜିକ ସ୍ଥିତିର ପରିମାପକର ପର୍ଯ୍ୟାଲୋଚନା ସହ ଲଘୁକରଣ ପରିମାତ୍ରା ଉପରେ କାର୍ଯ୍ୟାନ୍ଵୟନ କରାଯାଏ । ନିର୍ବାହୀ ସଂସ୍ଥା ଅନୁପାଳନ ଓ ପର୍ଯ୍ୟାଲୋଚନ ଫଳାଫଳ ରିପୋର୍ଟ ପ୍ରତି ୬ ମାସରେ ସ୍ଵୀକୃତି ପ୍ରାପ୍ତ ସଂସ୍ଥାଙ୍କ ନିକଟରେ ଦାଖଲ କରିବା ସହ ଏହାର ଏକ ଏକତ୍ରୀକରଣ ରିପୋର୍ଟ ବାର୍ଷିକ ରିପୋର୍ଟରେ ସଂଲଗ୍ନ କରିବା ପାଇଁ ଯତ୍ନବାନ ହେବେ ।

**ବାହ୍ୟ ପର୍ଯ୍ୟାଲୋଚନ ପ୍ରକ୍ରିୟା**

ପ୍ରତିବର୍ଷ ପରିବେଶ ଓ ସାମାଜିକ ତନଖି କାର୍ଯ୍ୟ ନମୁନା ଜଳଶୟ ଉପରେ ଦୃଷ୍ଟି ନିକ୍ଷେପ କରାଯାଏ । ଏହି କାର୍ଯ୍ୟର ଉଦ୍ଦେଶ୍ୟ ହେଉଛି, ସାମାଜିକ ଓ ପରିବେଶ ପରିଚାଳନା ଯୋଜନା କାର୍ଯ୍ୟକ୍ରମକୁ ଯାଞ୍ଚ କରିବା ଓ ଏହି ଯୋଜନାର କାର୍ଯ୍ୟଶୈଳୀ ତଥା ଗ୍ରାମ/ ଜଳାଶୟ ଉପରେ ଏହାର ପ୍ରଭାବକୁ ଭିତ୍ତି କରି ଏକ ଚୁଡାନ୍ତ ରିପୋର୍ଟ ପ୍ରସ୍ତୁତ କରିବା । ଏହି ଅଡିଟ୍ ରିପୋର୍ଟକୁ ସ୍ଵୀକୃତି ପ୍ରାପ୍ତ ସଂସ୍ଥା ଓ ନିର୍ବାହୀ ସଂସ୍ଥାଙ୍କ ସଂଯୋଜନାରେ ପ୍ରସ୍ତୁତ କରାଯାଇ ଏହି ତନଖି କାର୍ଯ୍ୟକୁ ଏକତ୍ରୀକରଣ ବିବରଣୀ ପ୍ରକଳ୍ପ ଦ୍ଵାରା ପ୍ରକାଶିତ ବାର୍ଷିକ ରିପୋର୍ଟରେ ସଂଲଗ୍ନ କରାଯିବା ପାଇଁ ଉଲ୍ଲେଖ କରାଯାଇଅଛି ।

## ୧୧ ପରିବେଶ ଓ ସାମାଜିକ ପରିଚାଳନା ଯୋଜନା ସମ୍ବନ୍ଧୀୟ ବଜେଟ ।

ପରିବେଶ ଓ ସାମାଜିକ ପରିଚାଳନା ଯୋଜନା (ESPM) ବଜେଟର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପ୍ରକଳ୍ପର କାର୍ଯ୍ୟକାରିତା ଦିଗରେ ଏକ ଯୋଜନା ପ୍ରସ୍ତୁତିକରଣ କରିବା । ପ୍ରତି ପ୍ରକଳ୍ପ ପରିଚାଳନା ୟୁନିଟରେ ଜଣେ ଲେଖାଏଁ ପରିବେଶ ବିଶେଷଜ୍ଞ ଅବସ୍ଥାପିତ ହୋଇ ପରିବେଶ ଓ ସାମାଜିକ ପରିଚାଳନା ଯୋଜନାର ଠିକ ରୂପେ କାର୍ଯ୍ୟକାରିତା କରିବା ଦିଗରେ ସମନ୍ଵୟ ରକ୍ଷା କରିବା ।

## ୧୨ ସାମର୍ଥ୍ୟ ବିକାଶ (Capacity Development)

ବାହ୍ୟ ଅନୁଦାନ ଭିତ୍ତିକ ପ୍ରକଳ୍ପ ମାନଙ୍କର ଠିକ କାର୍ଯ୍ୟାନ୍ଵୟନ ସକାଶେ ଓଡିଶା ସରକାରଙ୍କ ଅଧିନରେ ଥିବା ଜଳସମ୍ପଦ ବିଭାଗକୁ ଦାୟିତ୍ଵ ନ୍ୟସ୍ତ କରାଯାଇଅଛି । ବର୍ତ୍ତମାନ ଅନୁଧ୍ୟାନ କରାଯାଇଅଛି ଯେ, ଓଡିଶା ଗୋଷ୍ଠୀ ଜଳାଶୟ ପରିଚାଳନା ପ୍ରକଳ୍ପ (ଭାଗ-୧)ର କାର୍ଯ୍ୟ ଜଳସମ୍ପଦ

ବିଭାଗର ଉପଯୁକ୍ତ ଦୃଷ୍ଟି ନିକ୍ଷେପ ଦ୍ୱାରା ସୁଚାରୂରୁପେ ପରିଚାଳନା ହୋଇଅଛି । ଏହି ପ୍ରକଳ୍ପର ସାମାଜିକ ଓ ପରିବେଷ୍ଟନୀ ଦିଗରେ ଉତ୍ତମ ନିରାପଦ ରକ୍ଷା କରାଯାଇ ଠିକ ରୂପେ କାର୍ଯ୍ୟକାରିତା କରାଯାଇଅଛି ବୋଲି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଫଳାଫଳ ରିପୋର୍ଟରେ ଉଲ୍ଲେଖ କରାଯାଇଅଛି ।

କ୍ଷେତ୍ର କର୍ମଚାରୀଙ୍କଠୁ ଆରମ୍ଭ କରି ନିର୍ବାହୀ ସଂସ୍ଥା ସ୍ତର ପର୍ଯ୍ୟନ୍ତ ଅତ୍ୟାବଶ୍ୟକ କୋଠାବାଡିର ଏକ ତାଲିକା ପ୍ରସ୍ତୁତି କରଣ ସଙ୍ଗେ ଏହାର ଅଟକଳ ପ୍ରଥମ ୬ ମାସ ମଧ୍ୟରେ ସ୍ୱୀକୃତି ପ୍ରାପ୍ତ ସଂସ୍ଥାଙ୍କ ଦ୍ୱାରା ନିରୁପଣ କରାଯିବ ଏବଂଏ ସମ୍ବନ୍ଧରେ ଉପଯୁକ୍ତ ପ୍ରଶିକ୍ଷଣ ଓ ଦକ୍ଷତା କୁଶଳୀ କାରିଗର ପ୍ରସ୍ତୁତ କରାଯିବ ।

ଯେଉଁ ଅଧିକାରୀମାନେ ପ୍ରକଳ୍ପର ପର୍ଯ୍ୟାଲୋଚନା ଓ ପରିଚାଳନା କାର୍ଯ୍ୟରେ ସ୍ୱୀକୃତି ପ୍ରାପ୍ତ ସଂସ୍ଥାଙ୍କ ସ୍ତରରେ ସମ୍ପୃକ୍ତ ଥିବେ ସେମାନେ ସମ୍ବେଦନ ଶୀଳ, ତଥା ଦକ୍ଷତା ସଂପନ୍ନ ହୋଇଥିବା ଉଚିତ । ପ୍ରକଳ୍ପ ସ୍ତରର କାର୍ଯ୍ୟ କରିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତି ହେବା ଦରକାର ।

## ୧୩ ଅଭିଯୋଗ ପ୍ରତିକାର ସଂକ୍ରିୟା (Grievance Redresal Mechanism).

### ୧୩.୧ ନିର୍ବାହୀ ଅଧିକାରୀଙ୍କ ସ୍ତରରେ ପ୍ରକ୍ରିୟା

(i) ପ୍ରକଳ୍ପର କାର୍ଯ୍ୟକାରିତା ସମୟରେ ପ୍ରାରମ୍ଭରୁ ଏକ ଅଭିଯୋଗ ପ୍ରତିକାର ସଂକ୍ରିୟା ପ୍ରତିଷ୍ଠା କରିବା ପାଇଁ ନିର୍ବାହୀ ସଙ୍ଗଠନ ଯତ୍ନବାନ ହେବେ । ପ୍ରକଳ୍ପ ଦ୍ୱାରା ସୃଷ୍ଟି ହେଉଥିବା ପରିବେଶ ଓ ସାମାଜିକ ସମ୍ବନ୍ଧୀୟ ଅସୁବିଧା ଓ ସମସ୍ୟା ପ୍ରଭୃତି ଅଭିଯୋଗକାରୀ ଉକ୍ତ ସଂକ୍ରିୟା ମାଧ୍ୟମରେ ତାଙ୍କର ମତବ୍ୟକ୍ତ କରିବା ବ୍ୟବସ୍ଥା କରାଯାଇଛି । ଏହି ଅଭିଯୋଗ ଯେପରି ଠିକ ରୂପେ ବିଚାର କରାଯାଇ ଉତ୍ତମ ନ୍ୟାୟ ପ୍ରଦାନ କରାଯିବ ସେଥିପାଇଁ ଏହାର ସୁଲଭ, ଉତ୍ତମ ଓ ସ୍ୱଚ୍ଛତା ଦିଗ ପ୍ରତି ନିର୍ବାହୀ ସଂସ୍ଥା ଦୃଷ୍ଟି ନିକ୍ଷେପ କରିବେ ।

(ii) ଏହି ଅଭିଯୋଗ ପ୍ରକୋଷ୍ଠ ଗ୍ରାମରେ ପ୍ରତିଷ୍ଠା କରାଯିବ ଓ ଯଦି କେଉଁ ବ୍ୟକ୍ତି ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଅସନ୍ତୋଷ ପ୍ରକାଶ କରନ୍ତି, ତାହେଲେ ସେ ମୌଖିକ କିମ୍ବା ଲିଖିତ ଆକାରରେ ତାଙ୍କର ଅଭିଯୋଗ ପାଣି ପଞ୍ଚାୟତ ସ୍ତରରେ ଅବସ୍ଥାପିତ ହୋଇଥିବା ପ୍ରକଳ୍ପ କାର୍ଯ୍ୟକାରିତା ସହିତ ସଂଶ୍ଳିଷ୍ଟ ଥିବା ଆଞ୍ଚଳିକ ଅଧିକାରୀଙ୍କୁ ଜଣାଇ ପାରିବେ ।

(iii) ଯଦି ଅଭିଯୋଗକାରୀଙ୍କ ଅଭିଯୋଗ ପାଣି ପଞ୍ଚାୟତ ସ୍ତରରେ ଠିକ ରୂପେ ସମ୍ବୋଧିତ ନହୁଏ, ତାହେଲେ ବ୍ୟକ୍ତି କିମ୍ବା ଦଳ, ତାଙ୍କର/ ସେମାନଙ୍କର ଅସନ୍ତୋଷ ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ ସମ୍ମୁଖରେ ଉପଯୁକ୍ତ ନ୍ୟାୟ ପାଇବା ପାଇଁ ପରିପ୍ରକାଶ କରିପାରିବେ । ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ ଦ୍ୱାରା ପ୍ରକାଶିତ ହେଉଥିବା ତ୍ରୈମାସିକ ରିପୋର୍ଟରେ ଗ୍ରହଣୀୟ, ସଂଶୋଧିତ ଓ ବିଚାରାଧିନ ଥିବା ସମସ୍ତ ଅଭିଯୋଗ ତାଲିକା ସ୍ଥାନ ପାଇବ ।

(iv) ଜିଲ୍ଲା ପରିଚାଳନା ୟୁନିଟ ଓ ପ୍ରକଳ୍ପ ପରିଚାଳନା ୟୁନିଟରେ ଅବସ୍ଥାପିତ ଅଭିଯୋଗ ପ୍ରତିକାର ସଂକ୍ରିୟା ସହିତ ଜଡିତ ଅଧିକାରୀବୃନ୍ଦଙ୍କ ନାମ, ପଦବୀ, ଫୋନ ନମ୍ବର ସମ୍ବଳିତ

ଏକ ତାଲିକା ପ୍ରକଳ୍ପ ଅଞ୍ଚଳରେ ଉପସ୍ଥାପିତ ହୋଇଥିବା ପ୍ରଦର୍ଶିତ ବୋର୍ଡରେ ଉଲ୍ଲେଖ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ।

(v) ଗ୍ରାମ କିମ୍ବା ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟରେ ଅବସ୍ଥାପିତ ଅଭିଯୋଗ ପ୍ରତିକାର ସଂକ୍ରିୟାର କାର୍ଯ୍ୟଧାରା ଉପରେ ଯଦି କୌଣସି ବ୍ୟକ୍ତି ଅସନ୍ତୋଷ ପ୍ରକଟ କରନ୍ତି, ତାହେଲେ ସେ ତାଙ୍କର ଅସନ୍ତୋଷକୁ ପ୍ରକଳ୍ପ ପରିଚାଳନା ୟୁନିଟ ସ୍ତରରେ ଗଠନ ହୋଇଥିବା ଅଭିଯୋଗ କମିଟୀ ସମ୍ମୁଖରେ ଉପସ୍ଥାପନ କରିପାରିବେ । ଉକ୍ତ ଅଭିଯୋଗ କମିଟୀ ସମ୍ମୁଖରେ ଉପସ୍ଥାପିତ ହୋଇଥିବା ସମସ୍ତ ବିଷୟ ଓ ଯାଞ୍ଚ ଫଳାଫଳ ମାନଙ୍କ ଏକ ପୂର୍ଣାଙ୍ଗ ତାଲିକାର ରେକର୍ଡ ନିର୍ବାହୀ ସଂସ୍ଥା ପାଖରେ ନ୍ୟସ୍ତ ରହିବ । ଅଭିଯୋଗ ସଂକ୍ରାନ୍ତରେ ପଦକ୍ଷେପ ଓ କଣ ଫଇସଲା ହେଲା, ତାହାର ସମସ୍ତ ବିବରଣୀ ଏକ ପର୍ଯ୍ୟାଲୋଚନା ବ୍ୟବସ୍ଥା ମାଧ୍ୟମରେ ପରିପ୍ରକାଶ ହେବ ।

(vi) ପ୍ରକଳ୍ପ ଯୋଗୁ ପାରିପାର୍ଶ୍ୱିକ ଓ ସାମାଜିକ ଅବସ୍ଥାରେ ଉପୁଜୁଥିବା କ୍ଷତି ଯାହାକି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠି ପାଇଁ ଦୁଃଖର କାରଣ ସେ ସବୁ ବିଷୟ ଅଭିଯୋଗ ପ୍ରକ୍ରିୟାରେ ସାମିଲ ହେବ ।

(vii) ପ୍ରକଳ୍ପ କାର୍ଯ୍ୟକାରୀ ଦ୍ୱାରା ଯେଉଁ ଅଭିଯୋଗ ପ୍ରକ୍ରିୟା ସୃଷ୍ଟି, ସେ ବିଷୟ ଗ୍ରାମ ପଞ୍ଚାୟତ ମାଧ୍ୟମରେ ପ୍ରକଟ କରାଯିବ । ଗ୍ରାମ ମାନଙ୍କ ମଧ୍ୟରେ ସଙ୍ଗତି ରକ୍ଷା କରାଯିବା ପାଇଁ, ପ୍ରତିଷ୍ଠା ହୋଇଥିବା ଅଭିଯୋଗ ପ୍ରକ୍ରିୟା ବିଧି ସମ୍ବନ୍ଧୀୟ ପ୍ରଚାର ପତ୍ର ଛପାଯାଇ ଗ୍ରାମ୍ୟ କମିଟୀରେ ବଣ୍ଟନ ବ୍ୟବସ୍ଥା ରହିବ । ପ୍ରଚାର ପତ୍ରର ଏକକିତା ନକଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ରଖାଯିବ, ଯାହିକି ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ଏହାର ଉପଯୋଗିତା ଉପଲବ୍ଧି କରାଯିବ ।

(viii) ମୌଖିକ ଓ ଲିଖିତ ଆକାରରେ ସମସ୍ତ ଅଭିଯୋଗ ତଥ୍ୟାବଳୀ ଅଭିଯୋଗ ପୁସ୍ତିକାରେ ଲିପିବଦ୍ଧ ହୋଇ ପାଣି ପଞ୍ଚାୟତ କାର୍ଯ୍ୟାଳୟ, ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ/ ପ୍ରକଳ୍ପ ପରିଚାଳନା ୟୁନିଟ ମାନଙ୍କରେ ରଖାଯିବା ବନ୍ଦୋବସ୍ତ କରାଯିବ । ପ୍ରତି ଅଭିଯୋଗ ଏକ ନମ୍ବର ଦ୍ୱାରା ଇଙ୍ଗିତ କରାଯାଇ ଏହି ଅଭିଯୋଗ ତଥ୍ୟାବଳୀ ଏକ ସଂକଳ୍ପ ପତ୍ର ଆକାରରେ ପ୍ରସ୍ତୁତ କରାଯାଇ ପଞ୍ଜିକୃତ କରାଯିବ । ଗ୍ରହଣୀୟ ଓ ଫଇସଲା ହୋଇଥିବା ସମସ୍ତ ଅଭିଯୋଗ ସମ୍ବନ୍ଧୀୟ ତଥ୍ୟ ଏକକୀକୃତ ବିବୃତି ଆକାରରେ ରାଜ୍ୟ ଷ୍ଟିୟରିଂ କମିଟୀ ସମ୍ମୁଖରେ ଦାଖଲ କରାଯିବ । ଏ ସମସ୍ତ ଜଳସେଚନ ପରିଚାଳନା ପ୍ରକ୍ରିୟାର ଏକ ଅଂଶ ଓ ଏ ବାବଦରେ ନିର୍ବାହୀ ସଂସ୍ଥା, ସ୍ୱିକୃତି ପ୍ରାପ୍ତ ସଂସ୍ଥାଙ୍କ ନଜରକୁ ଆଣିବା ପାଇଁ ଯତ୍ନବାନ ହେବେ ।

(ix) ଅଭିଯୋଗ ସଂକ୍ରିୟା ସମ୍ବନ୍ଧୀୟ ତଥ୍ୟ ଆଞ୍ଚଳିକ ଭାଷାରେ ପ୍ରସ୍ତୁତି କରାଯାଇ ଦାଖଲ କରିବା ପାଇଁ ଉଲ୍ଲେଖ କରାଯାଇଅଛି ।

୧୩.୨ ସ୍ୱିକୃତି ପ୍ରାପ୍ତ ସଂସ୍ଥା (Accridated Entity=NABARD) ସ୍ତରରେ ଅଭିଯୋଗ ଗୁଡିକ ଗ୍ରହଣ କରିବା ପ୍ରକ୍ରିୟା ।

- ସ୍ୱିକୃତି ପ୍ରାପ୍ତ ସଂସ୍ଥା, ନିର୍ବାହୀ ସଂସ୍ଥା ଓ ତତ୍ ସହିତ ଗ୍ରାମ ପ୍ରକଳ୍ପ ସ୍ତରରେ ଅଭିଯୋଗ ସଂକ୍ରିୟା ପ୍ରତିଷ୍ଠା ହେବା ବ୍ୟତୀତ ଗୋଟିଏ ପୃଥକ ଅଭିଯୋଗ ସଂକ୍ରିୟା ସ୍ୱୀକୃତି ପ୍ରାପ୍ତ ସଂସ୍ଥା ସ୍ତରରେ ସ୍ଥାପନ କରିବା ପାଇଁ ଯୋଜନା କରାଯାଇଅଛି । ଅଭିଯୋଗ ଗୁଡିକ ସଠିକ ସମ୍ବୋଧିତ ହେବା ନାବାର୍ଡ ପରିଚାଳନାର ମୁଖ୍ୟ ଭୂମିକାର ଏକ ଅଂଶ ହିସାବରେ ଉଲ୍ଲେଖ କରାଯାଇଅଛି ଯାହାକି ଦାୟିତ୍ୱ ନ୍ୟସ୍ତ ହୋଇଥିବା ସମ୍ପୃକ୍ତ ସ୍ୱୀକୃତି ପ୍ରାପ୍ତ ସଂସ୍ଥାଙ୍କ କାର୍ଯ୍ୟଧାରାକୁ ବୁଝାଏ ।
- ଗୋଷ୍ଠୀ ସଭ୍ୟ ମାନଙ୍କର ଅଭିଯୋଗ ପ୍ରଭୃତି ପୃଥକ ମାର୍ଗ ଦ୍ୱାରା ଉଲ୍ଲେଖ ଓ ସଂଶୋଧିତ କରାଯିବାର ପ୍ରୟାସ କରାଯାଇଅଛି । ଏହି ପ୍ରକ୍ରିୟାର ଉପଯୋଗିତା ନିର୍ଦ୍ଦିଷ୍ଟ ଭାବରେ ଉପଲବ୍ଧି ହୁଏ, ଯଦି ଗୋଷ୍ଠୀର ସଭ୍ୟ ଅନୁଭବ କରିବେ ଯେ ସମ୍ପୃକ୍ତ ନିର୍ବାହୀ ସଂସ୍ଥାଙ୍କ ଉପରେ ଅଣାଯାଇଥିବା ଅଭିଯୋଗ ପ୍ରଭୃତି କ୍ଷେତ୍ରସ୍ତର ପ୍ରକ୍ରିୟା ଦ୍ୱାରା ବିଶେଷ ଫଳପ୍ରଦ ହେଉନାହିଁ ।
- ଅଭିଯୋଗ ପ୍ରକୋଷ୍ଠକୁ ତ୍ୱରାନ୍ୱିତ କରିବା ପାଇଁ ସ୍ୱିକୃତି ପ୍ରାପ୍ତ ସଂସ୍ଥା ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ଆଞ୍ଚଳିକ କାର୍ଯ୍ୟାଳୟରେ ଅବସ୍ଥାପିତ କରିବା ପାଇଁ ଦର୍ଶାଯାଇଅଛି । ଏହି ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ଠିକଣା, ମୋବାଇଲ ନମ୍ବର, କାର୍ଯ୍ୟାଳୟରେ ଯୋଗଦେବା ସମୟ ତଥା ଚିଠା, ଟେଲିଫୋନ ବ୍ୟକ୍ତିଗତ ପରିଦର୍ଶନ ମାଧମରେ ଅଭିଯୋଗ ପତ୍ର ପ୍ରଭୃତି ଗ୍ରହଣ ଓ ତତ୍ ସଙ୍ଗେ ଏହାର ଫଇସଲା ଓ ତଥ୍ୟ ପ୍ରଦାନ ସମ୍ପର୍କୀୟ ସମସ୍ତ ବିଷୟ ଗ୍ରାମବାସୀଙ୍କ ଗୋଚରାର୍ଥେ ଜଣାଇବା ପାଇଁ ଉଲ୍ଲେଖ କରାଯାଇଅଛି । ଏ ସମସ୍ତ ତଥ୍ୟ ପ୍ରକଳ୍ପ କାର୍ଯ୍ୟାଳୟରେ ଉପଲବ୍ଧି ହେବ ।
- ନାବାର୍ଡ ଅଧିନସ୍ଥ ଓଡିଶା ପ୍ରାଦେଶିକ କାର୍ଯ୍ୟାଳୟରେ ଅବସ୍ଥାପିତ ସମ୍ପୃକ୍ତ ଅଧିକାରୀ ସ୍ୱୀକୃତି ପ୍ରାପ୍ତ ସଂସ୍ଥାଙ୍କ ଦ୍ୱାରା ବିଶେଷ କାର୍ଯ୍ୟ ପାଇଁ କ୍ଷମତା ପ୍ରାପ୍ତ ହୁଅନ୍ତି, ସେହି ଅଧିକାରୀଙ୍କ ପ୍ରଧାନ କାର୍ଯ୍ୟ ଯଥା-କ୍ଷେତ୍ର ତଥା ପ୍ରକଳ୍ପରୁ ଅଭିଯୋଗ ପତ୍ର (ନିର୍ବାହୀ ସଂସ୍ଥାଙ୍କ ବିରୁଦ୍ଧରେ ଅଭିଯୋଗ) ଗ୍ରହଣ କରିବା ଓ ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା । ଏହା ବ୍ୟତୀତ ଅଭିଯୋଗ ପତ୍ର ସବୁ ପୁଙ୍ଖାନୁପୁଙ୍ଖ ଭାବରେ ଯାଞ୍ଚ କରାଯିବା ସଙ୍ଗେ ଉଚିତ ପଦକ୍ଷେପ ନେବା ପାଇଁ ବନ୍ଦୋବସ୍ତ କରାଯାଇଅଛି । ଏହାପରେ ସେମାନଙ୍କ କାର୍ଯ୍ୟଧାରାର ବିବରଣୀ ଉପରିସ୍ଥ ଅଧିକାରୀଙ୍କ ଗୋଚରାର୍ଥେ ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଯାହିର କରାଯାଇଅଛି ।
- ସ୍ୱିକୃତି ପ୍ରାପ୍ତ ସଂସ୍ଥା, ଏସବୁ କ୍ଷେତ୍ର ସ୍ଥିର କରିବା ସମୟରେ ବିଶେଷ ଧ୍ୟାନ ଦେବାକୁ ପଡିବ ଯେ, ଯେଉଁ ଅଧିକାରୀଙ୍କ ଉପରେ ଅଭିଯୋଗ ସଂକ୍ରାନ୍ତୀୟ ବିଷୟ ଅନୁଧ୍ୟାନ କରିବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି, ସେହି ଅଧିକାରୀ ବା ଅଧିକାରୀ ବୃନ୍ଦ

ଯେପରି ପ୍ରାଦେଶିକ ଭାଷାରେ ଜ୍ଞାନ ଅର୍ଜନ କରିଥିବେ ଓ ଅଭିଯୋଗକାରୀଙ୍କ ସହିତ ଭାବର ଆଦାନ ପ୍ରଦାନ ଠିକ ରୂପେ ତୁଲାଇ ପାରୁଥିବେ ।

- ନାବାର୍ଡ ଅଧିନସ୍ଥ ପ୍ରାଦେଶିକ କାର୍ଯ୍ୟାଳୟର କାର୍ଯ୍ୟଶୈଳୀ ବ୍ୟତିରେକ, ପର୍ଯ୍ୟାଲୋଚନା ଓ ମୂଲ୍ୟାୟନ କାର୍ଯ୍ୟରେ ନାବାର୍ଡ ଦାୟିତ୍ୱ ନ୍ୟସ୍ତ କରିଥିବା କ୍ଷେତ୍ର ଅଧିକାରୀ ବୃନ୍ଦଙ୍କ ପ୍ରାପ୍ତ ଅଭିଯୋଗ ଗ୍ରହଣ କରିବା ଉପରେ ବିଶେଷ ଦୃଷ୍ଟି ନିକ୍ଷେପ କରିବା । ଏହି ପ୍ରକ୍ରିୟା ସୁଚାରୁରୂପେ ପରିଚାଳନା ସକାଶେ ଗ୍ରାମବାସୀଙ୍କ ସହିତ ଉତ୍ତମ ଯୋଗାଯୋଗ ପାଇଁ ଉଲ୍ଲେଖ କରାଯାଇଛି, ଯଦ୍ୱାରାକି ଗ୍ରାମବାସୀ ନାବାର୍ଡ ଦ୍ୱାରା ଦାୟିତ୍ୱ ନ୍ୟସ୍ତ ହୋଇଥିବା ଅଧିକାରୀଙ୍କ ପରିଦର୍ଶନ ସମୟର ସୂଚନା ପୂର୍ବରୁ ପାଇ ପାରୁଥିବେ ଯାହା ଫଳରେ ସେମାନେ ପରିଦର୍ଶନରେ ଆସିଥିବା ଅଧିକାରୀ ବୃନ୍ଦଙ୍କ ସହିତ ତାଙ୍କର ଅଭିଯୋଗ ସଂକ୍ରାନ୍ତରେ ଉତ୍ତମ ବାର୍ତ୍ତାଳାପ କରିବା ପାଇଁ ସୁଯୋଗ ପାଇ ପାରୁଥିବେ । ନାବାର୍ଡ ଦ୍ୱାରା ଦାୟିତ୍ୱ ନ୍ୟସ୍ତ ହୋଇଥିବା ଅଧିକାରୀ ବୃନ୍ଦ ପ୍ରାପ୍ତ ସମସ୍ତ ଅଭିଯୋଗ ଏକ ଅଭିଯୋଗ ପୁସ୍ତିକାରେ ପଞ୍ଜିକୃତ କରି ସମ୍ପୃକ୍ତ କାର୍ଯ୍ୟାଳୟରେ ଜିମା ଦେଇ ଦାୟିତ୍ୱ ନିର୍ବାହ କରିବା ପାଇଁ ଦର୍ଶାଯାଇଅଛି ।
- ଏସବୁ ବ୍ୟବସ୍ଥା ବ୍ୟତୀତ, ନାବାର୍ଡ ଦ୍ୱାରା ଖୋଲାଯାଇଥିବା ଅଭିଯୋଗ ସଂକ୍ରାନ୍ତୀୟ ନିର୍ଦ୍ଦିଷ୍ଟ ୱେବ ସାଇଟ (https://www.nabard.org/english/grievanceform.aspx) ର ସୁବିଧା ଯେପରି ଗୋଷ୍ଠୀ ସଭ୍ୟବୃନ୍ଦ ବିଶେଷ ଉପଲବ୍ଧିତା ପାଇ ପାରିବେ, ଏ ସଂକ୍ରାନ୍ତରେ ଗୁରୁତ୍ୱ ଆରୋପ କରାଯାଇଅଛି ।

<<>>